

ରାୟଗଡ଼ାରେ ରାଧାକୃଷ୍ଣ ବେଶରେ ଛାତ୍ରୀଛାତ୍ର ।



କଲ୍ୟାଣସିଂହପୁରରେ କୁନି କୁନି ପିଲାମାନେ ରାଧାକୃଷ୍ଣ ବେଶରେ ସଜ୍ଜିତ ହୋଇଛନ୍ତି ।



ଗୁଡ଼ାରୀରେ ରାଧାକୃଷ୍ଣ ବେଶରେ ସଜ୍ଜିତ ଛାତ୍ରୀଛାତ୍ରଙ୍କ ସହ ଅନ୍ୟମାନେ ।

# ବିଭିନ୍ନ ସ୍ଥାନରେ ଜନ୍ମାଷ୍ଟମୀ ପାଳିତ

**ରାୟଗଡା ଅଫିସ୍/ଗୁଡ଼ାରୀ/କଲ୍ୟାଣ ସିଂହପୁର/ଗୁଣପୁର, ୨।୯(ଡ଼ି.ଏନ.ଏ)**

ରାୟଗଡା ସହରର ଗାୟତ୍ରୀ ନଗରଠାରେ ଥିବା ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ରବିବାର ଜନ୍ମାଷ୍ଟମୀ ପାଳିତ ହୋଇଯାଇଛି। ବିଦ୍ୟାଳୟର ସଭାପତି ହୃଦୟାନନ୍ଦ ପଣ୍ଡା ମୁଖ୍ୟଅତିଥି, ବିଦ୍ୟାଳୟ ସମ୍ପାଦକ ଡାକ୍ତର ସୁନୀଲ ମହାପାତ୍ର, ପ୍ରଧାନଶିକ୍ଷକ ପ୍ରଫୁଲ୍ଲ ଚରଣ ସ୍ୱାଇଁ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ୪୦ଜଣ ଛାତ୍ରୀଛାତ୍ର ରାଧାକୃଷ୍ଣ ବେଶରେ ସଜ୍ଜିତ ହୋଇଥିଲେ। ଏଥିସହ ଛାତ୍ରୀଛାତ୍ରଙ୍କ ଦ୍ୱାରା ଶ୍ରୀକୃଷ୍ଣ ରଙ୍ଗମଞ୍ଚ ଅନୁଷ୍ଠିତ ହୋଇଥିଲା । ଏଥିମଧ୍ୟରୁ ଶ୍ରେଷ୍ଠ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା । ସେହିଭଳି ରାମକୃଷ୍ଣ ନଗରସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ମଧ୍ୟ ପାଳିତ ହୋଇଥିଲା ଜନ୍ମାଷ୍ଟମୀ । ସେହିପରି ଗୁଡାରୀ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ପବିତ୍ର ଜନ୍ମାଷ୍ଟମୀ ଧୂମ୍‌ଧାମରେ ପାଳନ କରାଯାଇଛି । ଶିଶୁ ମନ୍ଦିରର କୁନି କୁନି ଛାତ୍ରୀଛାତ୍ର ଭଗବାନ କୃଷ୍ଣ, ରାଧା, ବଳରାମ ଓ ସୁଦାମାଙ୍କ ବେଶରେ ଆସି ଶିଶୁ ମନ୍ଦିର ପରିସରରେ ପୂଜାର୍ଚ୍ଚନା କରିଥିଲେ । ସମଗ୍ର ପରିବେଶ ରାଧାକୃଷ୍ଣମୟ ପାଲଟି ଯାଇଥିଲା । ପୂଜାର୍ଚ୍ଚନା ପରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ସ୍ଥାନୀୟ ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରିଣୀ ଗାୟତ୍ରୀ ଦେବୀ ସାହୁ ମୁଖ୍ୟ ଅତିଥି ରୂପେ ଯୋଗ ଦେଇଥିଲେ । ପରେ ପିଲାମାନେ ବିଭିନ୍ନ ବେଶରେ ସଜ୍ଜିତ ହୋଇ ବାଦ୍ୟଯନ୍ତ୍ର ବଜାଇ ସହରର ବିଭିନ୍ନ ମନ୍ଦିର ପରିକ୍ରମା କରିଥିଲେ । ପ୍ରଧାନ ଆଚାର୍ଯ୍ୟ ଦିଲୀପ କୁମାର ସାହୁଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି ପୌରାଣିକ କାର୍ଯ୍ୟକ୍ରମରେ ବିଦ୍ୟାଳୟ ସମସ୍ତ ଗୁରୁମାଗୁରୁଜୀ, ଛାତ୍ରୀଛାତ୍ର ଉପସ୍ଥିତ ଥିଲେ । ସେହିପରି କଲ୍ୟାଣସିଂହପୁର ବ୍ଲକ ଅନ୍ତର୍ଗତ ସଦର ମହକୁମା ତଥା ଶିକରପାଇ ଜିଲୁଣ୍ଡା ପଞ୍ଚାୟତରେ ଜନ୍ମାଷ୍ଟମୀ ପାଳିତ ହୋଇଯାଇଛି । ଏନେଇ ବିଭିନ୍ନ ମନ୍ଦିରରେ ଭକ୍ତଙ୍କ ପ୍ରବଳ ଭିଡ଼ ଜମିଥିଲା । ସେହିପରି କଲ୍ୟାଣସିଂହପୁର, କୁମ୍ଭାରଗୁଡ଼ା ଓ ଶିକରପାଇସ୍ଥିତ ଶିଶୁ ମନ୍ଦିରରେ ଛାତ୍ରୀଛାତ୍ରମାନେ ରାଧା କୃଷ୍ଣ ବେଶରେ ସଜ୍ଜିତ ହୋଇ ଗାଁ ପରିକ୍ରମା କରିଥିଲେ । ସେହିପରି ଗୁଣପୁର ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ପାଳିତ ହୋଇଛି ଜନ୍ମାଷ୍ଟମୀ । କୃଷ୍ଣଙ୍କ ପୂଜାର୍ଚ୍ଚନା କରାଯିବା ସହ ଝୁଲଣ ହୋଇଥିଲା । ଏହି ଅବସରରେ ବିଦ୍ୟାଳୟର କୁନି କୁନି ପିଲାମାନେ ରାଧା,କୃଷ୍ଣ,ବଳରାମ,ଯଶୋଦା ଆଦି ବେଶରେ ସଜ୍ଜିତ ହୋଇ ନଗର ପରିକ୍ରମା କରିଥିଲେ । ସେହିପରି ଅନ୍ୟାନ୍ୟ ପିଲାମାନେ ଦଳଗତ ଭାବେ ନୃତ୍ୟ ସହ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ । ଶେଷରେ ଦଧି ହାଣ୍ଡି ଭଙ୍ଗା କାର୍ଯ୍ୟକ୍ରମ ହୋଇଥିଲା । ଅନୁଷ୍ଠାନର ପ୍ରଧାନ ଆଚାର୍ଯ୍ୟ ପ୍ରଫୁଲ୍ଲ ଶତପଥୀଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ସମ୍ପାଦିତ ହୋଇଥିଲା । ଅନ୍ୟମାନଙ୍କ ମଧ୍ୟରେ ପରିଚାଳନା କମିଟି ସଭାପତି ଲଳିତ ବୈଦ୍ୟଭୂଷଣ,ଉପ ସଭାପତି ବି.ଲକ୍ଷ୍ମୀ ନାରାୟଣ,ସମ୍ପାଦକ ଜଗନ୍ନାଥ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ । ସମସ୍ତ ଗୁରୁମା ଏବଂ ଗୁରୁଜି ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ସେହିଭଳି ଜନ୍ମାଷ୍ଟମୀ ଲାଗି ରାଧାକୃଷ୍ଣ ମନ୍ଦିରରେ ପ୍ରବଳ ଜନ ସମାଗମ ହୋଇଥିଲା । ସେଠାରେ କୃଷ୍ଣ ଜନ୍ମ ପାଳନ କରାଯାଇଥିଲା । ସେହିପରି ଅନ୍ୟାନ୍ୟ ସ୍କୁଲରେ ମଧ୍ୟ ଜନ୍ମାଷ୍ଟମୀ ଉତ୍ସବ ଯଥାରିତି ପାଳନ ହୋଇଥିଲା ।



ଗୁଣପୁରରେ ରାଧାକୃଷ୍ଣ ବେଶରେ ସଜ୍ଜିତ କୁନି କୁନି ପିଲା ।

## ଟ୍ରେନ୍‌ରେ ଛାତ୍ରଙ୍କ ଦୁଇ ଗୋଡ଼ କଟିଲା



**କାଶୀନଗର,୨।୯(ଡି.ଏନ୍.ଏ.):**

ପଲାସା ଗୁଣୁପୁର ଯାତ୍ରୀବାହୀ ଟ୍ରେନରୁ କାଶୀନଗର ଷ୍ଟେଶନଠାରେ ଯୁକ୍ତ ୩ ବିଜ୍ଞାନ ଛାତ୍ର ସନ୍ତୋଷ ଶବର ଓହ୍ଲାଉଥିବାବେଳେ ପ୍ଲାଟଫର୍ମରେ ଗୋଡ଼ ଖସିଯିବାରୁ ରେଳଧାରଣରେ ପଡ଼ିଯାଇଥିଲେ। ଏହାପରେ ତାଙ୍କ ଦୁଇ ଗୋଡ଼ ଉପରେ ଟ୍ରେନ୍ ମାଡ଼ିଯିବାରୁ ନଷ୍ଟ ହୋଇଯାଇଛି। ଘଟଣାନୁସାରେ, ଶନିବାର ରାତି ୯.୩୦ରେ ପଲାସା ଗୁଣୁପୁର ଯାତ୍ରୀବାହୀ ଟ୍ରେନ ଯୋଗେ ସନ୍ତୋଷ ଗୁଣପୁରଠାରୁ କାଶୀନଗର ଫେରୁଥିଲେ। ଟ୍ରେନ୍‌ରେ ଥିବାବେଳେ ସନ୍ତୋଷଙ୍କୁ ନିଦ ଲାଗିଯାଇଥିଲା। କାଶୀପୁର ଆସିଯିବାରୁ ସେ ହଠାତ୍ ଉଠିପଡ଼ି ତରତର ହୋଇ ଟ୍ରେନ୍‌ରୁ ଓହ୍ଲାଇବାକୁ ଚେଷ୍ଟା କରୁଥିଲେ। ଫଳରେ ତାଙ୍କ ଗୋଡ଼ ଖସିଯିବାରୁ ସେ ରେଳ ଧାରଣାରେ ପଡ଼ିଯାଇଥିଲେ। ତାଙ୍କ ଗୋଡରେ ଟ୍ରେନ୍ ମାଡି ଯାଇଥିଲା। ପୋଲିସ ସନ୍ତୋଷଙ୍କୁ ପାରଳାଖେମୁଣ୍ଡି ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ପ୍ରାଥମିକ ଚିକିତ୍ସା ପରେ ଏଠାରୁ ବ୍ରହ୍ମପୁର ଏମ୍‌କେସିଜି ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ସେ ଜଣେ ଗରିବ ଆଦିବାସୀ ଛାତ୍ର ହେତୁ ତାଙ୍କ ପାଇଁ ଆର୍ଥିକ ସହାୟତା ଲାଗି ଅନୁରୋଧ କରାଯାଇଛି।

# ଧର୍ମ ଜାଗରଣ ପଦଯାତ୍ରା



ବାହାରିଥିବା ଧର୍ମ ଜାଗରଣ ଶୋଭାଯାତ୍ରା ।

**ରାୟଗଡା ଅଫିସ୍, ୨।୯**

ଏକଲ ଅଭିଯାନ ପକ୍ଷରୁ ଧର୍ମ ଜାଗରଣ ନିମନ୍ତେ ବାହାରିଥିବା ସନ୍ଥଙ୍କ ପଦଯାତ୍ରା ରବିବାର ରାୟଗଡାରେ ପହଞ୍ଚିଛି । ଗତ ଜୁନ୍ ୧ତାରିଖରୁ କନ୍ଧମାଳରୁ ଆରମ୍ଭ ହୋଇଥିବା ଏହି ପଦଯାତ୍ରାରେ ସନ୍ଥ ଜୀବନ ମକ୍ତାନନ୍ଦ ପୁରୀ ମହାରାଜଙ୍କ ସମେତ ଅନ୍ୟ ସନ୍ଥମାନେ ସାମିଲ ହୋଇଛନ୍ତି । ଧର୍ମ ଜାଗରଣ, ଶିକ୍ଷାର ପ୍ରସାର, ଗାଁ ଗାଁରେ ସତ୍‌ସଙ୍ଗ ମାଧ୍ୟମରେ ସଂସ୍କାର, ଗୋ ରକ୍ଷା, ସଂସ୍କୃତି ସୁରକ୍ଷା, ପରିବେଶର ସୁରକ୍ଷାର ବାର୍ତ୍ତା ପହଞ୍ଚାଇବା ହେଉଛି ଏହି ପଦଯାତ୍ରାର ମୂଳ ଲକ୍ଷ୍ୟ । ଏନେଇ ରାୟଗଡା ସହରସ୍ଥ ଖଲିଗୁଡା ନିକଟରୁ ଶ୍ରୀକୃଷ୍ଣ ବିଜ୍ଞାନ ମହିଳା ସତ୍‌ସଙ୍ଗର ସଦସ୍ୟା, ବାଙ୍ଗଚାହାଣି ସଂକୀର୍ତ୍ତନ ମଣ୍ଡଳୀ ଓ ଅନ୍ୟ ଶ୍ରଦ୍ଧାଳୁମାନେ ସନ୍ଥମାନଙ୍କୁ ପାଛୋଟି ଆଣି ଏକ ଶୋଭାଯାତ୍ରାରେ ବାହାରିଥିଲେ । ସହରର ଜେକେରୋଡ୍, କପିଳାସ ଛକ, ମୁଖ୍ୟ ବଜାର ଦେଇ ନଗର ପରିକ୍ରମା କରି କୃଷ୍ଣଚନ୍ଦ୍ର ନଗର ଭବନ ଠାରେ ପହଞ୍ଚିଥିଲେ । ସେଠାରେ ସନ୍ଥମାନଙ୍କ ଦ୍ୱାରା ସତ୍‌ସଙ୍ଗ ଓ ପ୍ରବଚନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏଥିରେ ବିଶ୍ୱହିନ୍ଦୁ ପରିଷଦ ସଭାପତି ପ୍ରଫୁଲ୍ଲ ଚନ୍ଦ୍ର ପାତ୍ର, ଗାୟତ୍ରୀ ପରିବାରର ସୁଧୀର ମିଶ୍ର, ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘର ରାମଚନ୍ଦ୍ର ସାହୁ, ସରସ୍ୱତୀ ଶିଶୁ ମନ୍ଦିରର ସମ୍ପାଦକ ଡାକ୍ତର ସୁନୀଲ ମହାପାତ୍ର ଓ ସମସ୍ତ ବ୍ୟବସାୟିକ ସଂଘର କର୍ମକର୍ତ୍ତାମାନେ ସହଯୋଗ କରିଥିଲେ । ଏହି ପଦଯାତ୍ରା ବିଭିନ୍ନ ଅଞ୍ଚଳ ପରିକ୍ରମା କରି ୨୦୧୯ ଜୁନ ୧ତାରିଖରେ ରାଉରକେଲା ବେଦ୍ୟାସ ଧର୍ମପୀଠ ଠାରେ ଶେଷ ହେବ ବୋଲି ଜଣାପଡିଛି ।

## ଜେକେ କାଗଜକଳରୁ ତାଲା ଖୋଲିବା ନେଇ ଦାବିପତ୍ର

**ଜେକେପୁର, ୩।୯(ଡି.ଏନ୍.ଏ)**

ଜେକେ କାଗଜକଳ କର୍ତ୍ତୃପକ୍ଷ କମ୍ପାନୀ ମୁଖ୍ୟ ଫାଟକରେ ତାଲା ପକାଇଛନ୍ତି।ଏହି ଘଟଣାକୁ ବେଆଇନ୍ ଓ ନିୟମ ବିରୋଧ ଦର୍ଶାଇ ତୁରନ୍ତ ତାଲା ଖୋଲିବାକୁ ଜେକେ ପେପର ମିଲ୍‌ସ ଠିକା ଶ୍ରମିକ ସଂଘ ତରଫରୁ କାଗଜକଳ କର୍ତ୍ତୃପକ୍ଷଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି । ଠିକାଦାର ଶ୍ରମିକ ସଂଘ ଦ୍ୱାରା ନିଜର ନ୍ୟାଯ୍ୟ ଦାବି ପୂରଣ ପାଇଁ ଶାନ୍ତିପୂର୍ଣ୍ଣ ଭାବେ ଆନ୍ଦୋଳନ କରାଯାଉଛି । ଜେକେ କାଗଜକଳ କର୍ତ୍ତୃପକ୍ଷଙ୍କ ଦ୍ୱାରା କମ୍ପାନୀ ଫାଟକରେ ତାଲା ପକାଇବା ଭାରତୀୟ ଶିଳ୍ପ ଅଧିନିୟମ ଅନୁସାରେ ବେଆଇନ୍ ଓ ନିୟମ ବିରୋଧ ଅଟେ । ନିୟମ ଅନୁସାରେ ଠିକା ଶ୍ରମିକ ସଂଘ ଦ୍ୱାରା ୧୪ଦିନ ପୂର୍ବରୁ ନୋଟିସ୍ ଦିଆଯାଇ ଧର୍ମଘଟ କରାଯାଇଥିଲା । କାଗଜକଳର ସ୍ଥାୟୀ କର୍ମଚାରୀମାନଙ୍କୁ ମଧ୍ୟ ସେମାନଙ୍କ କାର୍ଯ୍ୟ କରିବାରେ କୌଣସି ବାଧା ଦିଆଯାଇ ନ ଥିଲା । ଏଣୁ କମ୍ପାନୀ ନିଜ ଭୁଲ ନିଷ୍ପତ୍ତିକୁ ବଦଳାଇ ଜେକେ କାଗଜକଳ ମୁଖ୍ୟ ଫାଟକରୁ ତାଲା ଖୋଲିବା ସହ କମ୍ପାନୀକୁ ପୁର୍ନବାର ଚାଲୁ କରିବା, ୩୧ତାରିଖ ଧାରଣା ପ୍ରତ୍ୟାହାର ହେବା ଦିନଠାରୁ ଶ୍ରମିକମାନଙ୍କୁ ମଜୁରି ପ୍ରଦାନ କରିବା ଓ ସମସ୍ତ ଠିକା ଶ୍ରମିକମାନଙ୍କୁ କାମକୁ ଫେରାଇ ନେବା ପାଇଁ ସିଆଇଟିୟୁ ଜାତୀୟ ଉପସଭାପତି ତଥା ରାଜ୍ୟ ସାଧାରଣ ସମ୍ପାଦକ ବିଷ୍ଣୁ ମହାନ୍ତି ଜଣାଇଛନ୍ତି । କମ୍ପାନୀ କର୍ତ୍ତୃପକ୍ଷ ମଧ୍ୟ ଠିକା ଶ୍ରମିକ ସଂଘ ନାମରେ ଦେୱାନୀ ବିଚାରପତିଙ୍କ ଅଦାଲତରେ ସିଭିଲ କେସ ନମ୍ବର ୯୧/୧୮ରେ ସିଆଇଟିୟୁ ନେତା ବିଷ୍ଣୁ ମହାନ୍ତି ଓ ଅନ୍ୟ ୨୫ଜଣଙ୍କ ନାମରେ ମାମଲା ଦାଏର କରିଥିବା ଜଣାପଡିଛି । ଏହି ମାମଲାରେ କୋର୍ଟ ଜେକେ କାଗଜକଳ ମୁଖ୍ୟ ଫାଟକ ସମେତ ଅନ୍ୟ ଅଞ୍ଚଳରୁ ଅବରୋଧ ହଟାଇବାକୁ ଶ୍ରମିକ ସଂଘକୁ ନିର୍ଦ୍ଦେଶନାମା ଜାରି କରିଛନ୍ତି ।

## ମହିଳାଙ୍କୁ ଆକ୍ରମଣ ସହ ଲୁଟ୍ ମାମଲା : ଫେରାର ଅଭିଯୁକ୍ତ ଗିରଫ

**ଦିଗପହଣ୍ଡି,୨।୯(ଡି.ଏନ.ଏ.)**

ଦିଗପହଣ୍ଡି ପୋଲିସ ରବିବାର ଅପରାହ୍ଣରେ ଗୋକର୍ଣ୍ଣପୁର ଗ୍ରାମର ଚିନ୍ନାରି ଆଦି ପାତ୍ରଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଜାମିନ ନାମଞ୍ଜୁର ହେବାରୁ ଅଭିଯୁକ୍ତଙ୍କୁ ଦିଗପହଣ୍ଡି ସବଜେଲ ହାଜତକୁ ପଠାଇ ଦିଆଯାଇଛି। ଗତ ଅଗଷ୍ଟ ୮ରେ ଜଣେ ମହିଳାଙ୍କୁ ଟଣାଓଟରା କରିବା ସହ ଅଭିଯୁକ୍ତ ତାଙ୍କୁ ମାଡ଼ ମାରି ସୁନାଚେନ ଲୁଟି ନେଇଥିଲେ। ମହିଳାଙ୍କ ଏତଲାକ୍ରମେ ପୋଲିସ ନଂ. ୧୩୫/୧୮ରେ ମାମଲା ରୁଜୁ କରି ତଦନ୍ତ ଚଳାଇଥିଲା। ଗିରଫ ଭୟରେ ଅଭିଯୁକ୍ତ ଆଦି ଗାଁରୁ ଫେରାର ହୋଇଯାଇଥିଲେ। ଶନିବାର ସେ ଗାଁକୁ ଫେରିଥିବା ଖବର ପାଇ ପୋଲିସ ରାତିରେ ତାଙ୍କ ଘରେ ଚଢ଼ାଉ କରି ଗିରଫ କରିଥିବା ଆଇଆଇସି ଦେବାଶିଷ ମହାନ୍ତି ସୂଚନା ଦେଇଛନ୍ତି।

## ଦୁର୍ଗାପୂଜା ନିମନ୍ତେ ଶୁଭଖୁଣ୍ଟି ସ୍ଥାପନ

**ଗୁଡାରୀ, ୨।୯(ଡି.ଏନ୍.ଏ)**

ପବିତ୍ର ଜନ୍ମାଷ୍ଟମୀ ତିଥିରେ ଗୁଡାରୀ ଟାଉନ୍ ଦୁର୍ଗାପୂଜା କମିଟି ତରଫରୁ ଦୁର୍ଗାପୂଜା ନିମନ୍ତେ ଶୁଭଖୁଣ୍ଟି ସ୍ଥାପନ କରାଯାଇଛି । ଗୁଡାରୀ ରାଜ ପୁରୋହିତ ରାମ ପ୍ରସାଦ ରଥ ଶର୍ମା ଓ ଭ୍ରାତା ଗୌରୀ ପ୍ରସାଦ ରଥ ପ୍ରଥମେ ପବିତ୍ର ବଂଶଧାରା ନଦୀରେ ଗଙ୍ଗା ଆବାହନ କରିଥିଲେ । ପରେ ସ୍ଥାନୀୟ ଭଣ୍ଡାର ଘରଣୀ ମନ୍ଦିରରେ ପୂଜାର୍ଚ୍ଚନା କରାଯାଇଥିଲା । ସହରର ବ୍ୟବସାୟୀ ଶଙ୍କର ପ୍ରସାଦ ଚୌଧୁରୀ ଓ ତାଙ୍କ ପତ୍ନୀ ରଶ୍ମିରେଖା ଚୌଧୁରୀ ମୁଖ୍ୟ କର୍ତ୍ତା ଭାବେ ଦାୟିତ୍ୱ ତୁଲାଇଥିଲେ । ପୂଜାର୍ଚ୍ଚନା ପରେ ପୂଜା କରାଯାଇଥିବା ଗୁଆ ଓ ଅନ୍ୟ ସାମଗ୍ରୀକୁ ଏକ ବିରାଟ ଶୋଭାଯାତ୍ରାରେ ସଂକୀର୍ତ୍ତନ କରି ହାଇସ୍କୁଲସ୍ଥିତ ପୂଜା ମଣ୍ଡପକୁ ଅଣାଯାଇଥିଲା । ପରେ ପୂଜାର୍ଚ୍ଚନା କରାଯାଇ ଶୁଭଖୁଣ୍ଟି ସ୍ଥାପନ କରାଯାଇଥିଲା। ଚଳିତ ଦୁର୍ଗାପୂଜାରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମର ଆୟୋଜନ କରାଯିବା ସହ ଓଡ଼ିଆ ଫିଲ୍ମ ଜଗତର ଜଣାଶୁଣା କଳାକାରଙ୍କୁ ଅଣାଯିବାର କାର୍ଯ୍ୟକ୍ରମ ରହିଛି ବୋଲି ସଭାପତି ସନ୍ତୋଷ ମହାନ୍ତି କହିଛନ୍ତି । ଏଥିରେ ପ୍ୟାରୀମୋହନ ପାଣିଗ୍ରାହୀ, କେଦାର ସାହୁ, ପପୁ, ରାଜୁ ପାତ୍ର, କୁନା ବେହେରା, ଶିବ ସାହୁଙ୍କ ସମେତ ବହୁ ବ୍ୟକ୍ତି ଯୋଗ ଦେଇଥିଲେ ।



ଗୁଆ ଓ ଅନ୍ୟ ସାମଗ୍ରୀକୁ ସଂକୀର୍ତ୍ତନ କରି ଶୋଭାଯାତ୍ରାରେ ନିଆଯାଉଛି ।



ସରସ୍ୱତୀ ଶିଶୁ ମନ୍ଦିରର ପିଲାମାନେ ରାଧାକୃଷ୍ଣ ବେଶରେ ସଜ୍ଜିତ ହୋଇଛନ୍ତି ।

## ରାୟଗଡ଼ର ବିଭିନ୍ନ ସ୍ଥାନରେ ଜନ୍ମାଷ୍ଟମୀ

**ରାୟଗଡ଼ (ଗଜପତି), ୨।୯(ଡି.ଏନ୍.ଏ)**

ରାୟଗଡ଼ ବ୍ଲକ୍‌ର ବିଭିନ୍ନ ସ୍ଥାନରେ ଜନ୍ମାଷ୍ଟମୀ ପାଳିତ ହୋଇଯାଇଛି। କରାଡ଼ାସିଂସ୍ଥିତ ଜରାଶବର କୁଳ ସଂସ୍କାର ସମିତି କାର୍ଯ୍ୟାଳୟ ପରିସରରେ ସଭାପତି ନନ୍ଦକିଶୋର ଜାନିଙ୍କ ଉପସ୍ଥିତିରେ ଏହା ଅନୁଷ୍ଠିତ ହୋଇଛି। ଏଥିରେ ସମିତିର ଉପଦେଷ୍ଟା ରାଧାକୃଷ୍ଣ ଜାନୀ, ଶିବଶଙ୍କର ଭୂୟାଁ, ସୁରେନ୍ଦ୍ର ଦଳାଇ ଏବଂ ସମ୍ପାଦକ ପ୍ରଫୁଲ୍ଲ ରାଉତ ଉପସ୍ଥିତ ଥିଲେ। କୃଷ୍ଣଙ୍କ ଜନ୍ମଲୀଳା ସମ୍ପର୍କରେ ଅତିଥିମାନେ ଆଲୋଚନା କରିଥିଲେ। ସେହିପରି ରାୟଗଡ଼ସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରଠାରେ ଜନ୍ମାଷ୍ଟମୀ ପାଳିତ ହୋଇଛି। ଏଥିରେ ପ୍ରଧାନ ଆଚାର୍ଯ୍ୟ ପ୍ରସାଦ ଘଡେଇ ଏବଂ ଅନୁଷ୍ଠାନର ସଭାପତି ଶିଶିର ପାଢ଼ୀ ଉପସ୍ଥିତ ଥିଲେ। କୁନିକୁନି ପିଲାମାନେ ରାଧାକୃଷ୍ଣଙ୍କ ବେଶରେ ସଜ୍ଜିତ ହୋଇ ସହର ପରିକ୍ରମା କରିଥିଲେ। ସେହିପରି ନାରାୟଣପୁର ସରସ୍ୱତୀ ଶିଶୁ ମନ୍ଦିରରେ ମଧ୍ୟ ଜନ୍ମାଷ୍ଟମୀ ପାଳିତ ହୋଇଛି।

■ ଖିଲାପଦରରେ ଚୋରି ଘଟଣା

# ୧୦ ଦିନ ବିତିଲା, ପୋଲିସ ହାତ ଖାଲି

**ଗୁଣୁପର,୨।୯(ଡି.ଏନ.ଏ)**

ଗତ ୨୪ ତାରିଖରେ ରାୟଗଡା ଜିଲା ଗୁଣପୁର ଥାନା ଅଧିନ ପଦ୍ମପୁର ବ୍ଲକର ଖିଲାପଦର ଗ୍ରାମର ଏ.ମଧୁସୂଦନଙ୍କ ଘରୁ ଏକ ବଡ ଧରଣ ଚୋରି ହୋଇଥିଲା । ଆଲମାରିରରେ ଥିବା ୬ ଲକ୍ଷ ଟଙ୍କା ସହ ୭ ତୋଳା ସୁନା ଚୋରି ହୋଇଥିବା ଗୁଣପୁର ଥାନାରେ ଅଭିଯୋଗ ହୋଇଥିଲା । ଅଭିଯୋଗ ପାଇବା ପରେ ପୋଲିସ ଘଟଣା ତଦନ୍ତ କରିଥିଲା । ସନ୍ଧାନୀ କୁକୁର ସହ ସାଇଣ୍ଟିଫିକ ଟିମ୍ ମଧ୍ୟ ଯାଇ ଘଟଣାର ଅନୁଧ୍ୟାନ କରିଥିଲେ । ଏହି ଘଟଣାରେ ପୋଲିସ ଜଣଙ୍କୁ ଅଟକ ରଖି ପଚରାଉଚରା କରିଥିଲା । ହେଲେ ଶେଷରେ କୌଣସି ସୁରାଗ ନ ମିଳିବାରୁ ପୋଲିସ ତାଙ୍କୁ ମଧ୍ୟ ଛାଡି ଦେଇଥିଲା । ଇତିମଧ୍ୟରେ ଚୋରି ଘଟଣାର ୧୦ ଦିନ ବିତି ଯାଇଥିଲେ ମଧ୍ୟ ପୋଲିସର ହାତ ଖାଲି ରହିଛି । ଏହି ଅଞ୍ଚଳରେ ଏଭଳି ବଡ ଧରଣର ଚୋରି ଘଟଣା ପୋଲିସ ପାଇଁ ଚ୍ୟାଲେଞ୍ଜ ହୋଇ ରହିଛି । କିଏ ନ ଥିବା ବେଳେ ଏହାର ସୁଯୋଗ ନେଇ ଦୁର୍ବୃତ୍ତମାନେ ଘରେ କଳାକନା ବୁଲାଇ ଦେଇଥିଲେ । ଏ.ମଧୁସୂଦନ, ଏ.ଶେଷଗିରି ଏବଂ ତାଙ୍କ ପରିବାର ବର୍ଗ ବିବାହ କାର୍ଯ୍ୟ ପାଇଁ ଗତ ୨୨ ତାରିଖରେ ବିଶାଖାପଟଣା ଯାଇଥିଲେ। ୨୪ ତାରିଖ ସକାଳେ ଘରୁ ଆସି ଦେଖିଲାବେଳକୁ ସୁନା, ଟଙ୍କା ଚୋରି ହୋଇଥିବା ଜାଣିଥିଲେ । ଏପରିସ୍ଥିତିରେ ପୋଲିସ ଘଟଣାର ପର୍ଦ୍ଦାଫାସ କେବେ କରୁଛି ଏବଂ ଚୋରକୁ ଧରିବାରେ କିପରି ସଫଳ ହେଉଛି ତାହା ଏବେ ଦେଖିବାକୁ ବାକି ରହିଲା । ଏନେଇ ଏସଡିପିଓ ଅଶ୍ୱିନି ନାୟକଙ୍କୁ ପଚାରିବାରୁ, ତଦନ୍ତ ଚାଲିଛି । ଚୋର ଖୁବ୍‌ଶୀଘ୍ର ଧରା ପଡିବେ ବୋଲି କହିଛନ୍ତି ।

ଧରିତ୍ରୀ
DHARITRI
ରାୟଗଡ଼ା, ସୋମବାର, ୩ ସେପ୍ଟେମ୍ବର, ୨୦୧୮



ରାମ ନାମ ପାପୀମାନଙ୍କ ପାଇଁ ପରମ ଔଷଧ।
- ମହର୍ଷି ବାଲ୍ମିକୀ



## ସଂକ୍ଷେପରେ

### ରାଧାକୃଷ୍ଣ ବେଶରେ ଗ୍ରାମ ବୁଲିଲେ ଛାତ୍ରୀଛାତ୍ର

ଖଇରପୁଟ,୨।୯(ଡି.ଏନ.ଏ.): ସ୍ଥାନୀୟ ସରସ୍ୱତୀ ଶିଶୁ ମନ୍ଦିରରେ ରବିବାର ପବିତ୍ର ଜନ୍ମାଷ୍ଟମୀ ପାଳିତ ହୋଇଯାଇଛି। ଏହି ଅବସରରେ ବିଭିନ୍ନ କାର୍ଯ୍ୟକ୍ରମ କରାଯାଇଛି। ଛାତ୍ରୀଛାତ୍ରମାନେ ରାଧାକୃଷ୍ଣ ବେଶରେ ସଜ୍ଜିତ ହୋଇ ବିଦ୍ୟାଳୟକୁ ଆସିଥିଲେ। ସେମାନଙ୍କ ମଧ୍ୟରେ ପ୍ରତିଯୋଗିତା ହୋଇଥିଲା। ପରେ ସେମାନେ ଗ୍ରାମ ପରିକ୍ରମା କରିଥିଲେ। ଶେଷରେ ଦହିହାଣ୍ଡି ଭାଙ୍ଗାଯାଇ କାର୍ଯ୍ୟକ୍ରମ ଶେଷ ହୋଇଥିଲା। ସେହିପରି ଗୋବିନ୍ଦପାଲିସ୍ଥିତ ଶିଶୁ ମନ୍ଦିରରେ ମଧ ଜନ୍ମାଷ୍ଟମୀ ପାଳିତ ହୋଇଯାଇଛି।

### ବାଲିମେଳାରେ ଜନ୍ମାଷ୍ଟମୀ

ବାଲିମେଳା,୨।୯(ଡି.ଏନ.ଏ.): ମାଲକାନଗିରି ଜିଲା ବାଲିମେଳା ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ରବିବାର ଆନନ୍ଦ ଉତ୍ସାହର ସହ ଜନ୍ମାଷ୍ଟମୀ ପାଳିତ ହୋଇଯାଇଛି। ୪୦ ଜଣ କୁନିକୁନି ଶିଶୁମାନେ ରାଧା କୃଷ୍ଣ ବେଶରେ ସଜ୍ଜିତ ହୋଇ ହୋଇଥିବା ପ୍ରତିଯୋଗିତାରେ ସାମିଲ ହୋଇଥିଲେ। ପ୍ରଧାନଶିକ୍ଷକ ଉପେନ୍ଦ୍ର ଖରୁଆଳ, ଇଂ. ଭିକାରୀ ଚରଣ ମଲ୍ଲିକ, ବିଜୟ କୁମାର ରାଉତ ଅତିଥି ରୂପେ ଯୋଗ ଦେଇଥିଲେ। ଏହି ଅବସରରେ ବାଲିମେଳାସ୍ଥିତ ଜଗନ୍ନାଥ ମନ୍ଦିର ଓ ଭାଗବତ ଟୁଙ୍ଗିରେ ହରିବଂଶ ପାଠ କରାଯାଇଛି।

### ଯୁବକଙ୍କ ଆତ୍ମହତ୍ୟା

ମାଲକାନଗିରି,୨।୯ (ଡି.ଏନ୍.ଏ.): ମାଲକାନଗିରି ଜିଲା ସଦର ମହକୁମା ଗୌଡଗୁଡା ରାସ୍ତାରେ ଜଣେ ଯୁବକ ରବିବାର ବେକରେ ଦୌଡି ଦେଇ ଆତ୍ମହତ୍ୟା କରିଛନ୍ତି। ସେ ହେଲେ ସ୍ଥାନୀୟ ଏମ.ଭି.-୧୧ ଗ୍ରାମର ରାଜୁ ବାରିକ। ପ୍ରେମଜନିତ ଘଟଣା ଯୋଗୁ ସେ ଆତ୍ମହତ୍ୟା କରି ଥାଇପାରନ୍ତି ବୋଲି ଆଶଙ୍କା କରାଯାଉଛି। ଘଟଣା ସ୍ଥଳରୁ ଏକ ଚିଠିକୁ ପୋଲିସ ଜବତ କରିଛି। ଏଥିରେ ଜଣେ ଯୁବତୀ ତାଙ୍କୁ ନିର୍ଯାତନା ଦେଉଥିବା ଉଲ୍ଲେଖ ରହିଛି। ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଘଟଣାର ତଦନ୍ତ ଜାରି ରଖିଛି।

### ସ୍ୱଚ୍ଛତା ପକ୍ଷ ପାଳିତ



ଖଇରପୁଟ,୨।୯(ଡି.ଏନ.ଏ.): ମାଲକାନଗିରି ଜିଲା ଖଇରପୁଟ ବ୍ଲକ ପାଣ୍ଡ୍ରାଗୁଡା ପ୍ରକଳ୍ପ ବିଦ୍ୟାଳୟରେ ରବିବାର ସ୍ୱଚ୍ଛତା ପକ୍ଷ ପାଳିତ ହୋଇଯାଇଛି। ଛାତ୍ରୀଛାତ୍ର, ଅଭିଭାବକ ଓ ବିଦ୍ୟାଳୟ ଶିକ୍ଷୟିତ୍ରୀ ଶିକ୍ଷକ ମିଶି ବିଦ୍ୟାଳୟ ପରିବେଶକୁ ସଫାସୁତରା କରିଥିଲେ। ପ୍ରତ୍ୟେକ ଘର ଏବଂ ଗ୍ରାମକୁ ସ୍ୱଚ୍ଛ ଓ ପରିଷ୍କାର ରଖିବା ଲାଗି ପ୍ରଧାନଶିକ୍ଷକ ପରାମର୍ଶ ଦେଇଥିଲେ। ସୂଚନାଯୋଗ୍ୟ ଯେ, ୧ରୁ ୧୫ ତାରିଖ ପର୍ଯ୍ୟନ୍ତ ପ୍ରତ୍ରେକ ବିଦ୍ୟାଳୟରେ ସ୍ୱଚ୍ଛତା ପକ୍ଷ ପାଳନ କରିବାକୁ ରାଜ୍ୟ ସରକାର ନିର୍ଦ୍ଦେଶ ଦେଇଛନ୍ତି। ଏହି ଅବସରରେ ଖଇରପୁଟ ବ୍ଲକରେ ଏହି କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ଆଗାମୀ ଦିନରେ ବ୍ଲକର ଅନ୍ୟ ବିଦ୍ୟାଳୟଗୁଡିକରେ ଏହି କାର୍ଯ୍ୟକ୍ରମ ପାଳିତ ହେବ ବୋଲି ଜଣାପଡିଛି।

### ଶିଳ୍ପ ସଚେତନତା ଶିବିର

ମାଥିଲି/ଗୋବିନ୍ଦପାଲି, ୨।୯ (ଡି.ଏନ.ଏ): ମାଲକାନଗିରି ଜିଲା ଗୋବିନ୍ଦପାଲି ବିଜୁ ପଟ୍ଟନାୟକ ଡିଗ୍ରୀ କଲେଜ ପରିସରରେ ଶନିବାର ଜିଲା ଶିଳ୍ପ କେନ୍ଦ୍ର ପକ୍ଷରୁ ଶିଳ୍ପ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲା ଶିଳ୍ପକେନ୍ଦ୍ରର ସାଧାରଣ ପରିଚାଳକ ଗଣେଶ ଚନ୍ଦ୍ର ବେହେରା ଶିବିରରେ ଅଧକ୍ଷତା କରିଥିଲେ। ଶିକ୍ଷିତ ବେକାର ଯୁବତୀଯୁବକମାନଙ୍କୁ ଆତ୍ମନିର୍ଭରଶୀଳ କରିବା ପାଇଁ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ବିଭିନ୍ନ ଯୋଜନା ସମ୍ପର୍କରେ ସେ ଆଲୋଚନା କରିଥିଲେ। ପ୍ରଧାନମନ୍ତ୍ରୀ କର୍ମ ନିଯୁକ୍ତି ଯୋଜନା, ଅଣୁ, କ୍ଷୁଦ୍ର ଓ ମଧମ ଉଦ୍ୟୋଗ ପ୍ରତିଷ୍ଠା କରି ଆତ୍ମନିର୍ଭରଶୀଳ ହେବାକୁ ପରାମର୍ଶ ଦେଇଥିଲେ। ସମ୍ମାନିତ ଅତିଥି ରୂପେ କଲେଜ ଅଧକ୍ଷ ନବୀନ କୁମାର ନାୟକ, ଗୋବିନ୍ଦପାଲି ବ୍ୟାଙ୍କ ଅଫ ଇଣ୍ଡିଆର ଶାଖା ପରିଚାଳକ ରବିନ କୁମାର ସାମନ୍ତ, ମାନସ ରଞ୍ଜନ ଦାଶ, ସହକାରୀ ପରିଚାଳକ ରବୀନ୍ଦ୍ର ନାଥ କୁଣ୍ଡୁ, କେ. ସୁମଙ୍ଗ ରାଓ ପ୍ରମୁଖ ଉପସ୍ଥିତ ଥିଲେ। ଅଧାପକ ତ୍ରୈଲୋକ୍ୟନାଥ ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



ରବିବାର ମାଲକାନଗିରି ଜିଲା ଖଇରପୁଟ ସରସ୍ୱତୀ ଶିଶୁମନ୍ଦିରରେ ଜନ୍ମାଷ୍ଟମୀ ପାଳନ ଅବସରରେ ଛାତ୍ରୀଛାତ୍ରଙ୍କ ରାଧାକୃଷ୍ଣ ବେଶ।



ବାଲିମେଳାରେ ଛାତ୍ରୀଛାତ୍ରମାନେ ରାଧାକୃଷ୍ଣ ବେଶରେ ସଜ୍ଜିତ ହୋଇଛନ୍ତି।

### ଆଦିବାସୀଙ୍କ କାନ୍ଧକୁ ମାଧ୍ୟମ କରିଛନ୍ତି ମାଫିଆ

# ୫ କୁଇଣ୍ଟାଲ ଗଞ୍ଜେଇ ଜବତ, ୯ ଗିରଫ

ମାଥିଲି, ୨।୯ (ଡି.ଏନ.ଏ)

ମାଲକାନଗିରି ଜିଲା ଚିତ୍ରକୋଣ୍ଡା ବିଚ୍ଛିନ୍ନାଞ୍ଚଳରୁ ନବରଙ୍ଗପୁର ଜିଲାକୁ ଗଞ୍ଜେଇ ଚାଲାଣ ବେଳେ ଧରାପଡିଛି। ତେବେ ପୋଲିସ ଦୃଷ୍ଟିକୁ ଏଡାଇବା ପାଇଁ ସେମାନେ ଜଙ୍ଗଲ ରାସ୍ତା ବିଳମ୍ବିତ ରାତି ସମୟକୁ ବାଛି ନେଇଛନ୍ତି। ସେମାନଙ୍କୁ ମାଧମ କରିଛନ୍ତି ଗଞ୍ଜେଇ ମାଫିଆ। କାନ୍ଧରେ ଭାରରେ ଚିତ୍ରକୋଣ୍ଡାରୁ ନବରଙ୍ଗପୁର ଜଙ୍ଗଲ ରାସ୍ତାରେ ସେମାନେ ୧୫୦ କିମି ବାଟ ଅତିକ୍ରମ କରି ଗଞ୍ଜେଇ ଚାଲାଣ କରୁଛନ୍ତି।



ଜବତ ଗଞ୍ଜେଇ ସହ ଗିରଫ ଅଭିଯୁକ୍ତମାନେ।

ଶୁକ୍ରବାର ରାତିରେ ୯ ଜଣଙ୍କ ସମେତ ଅନ୍ୟସାଥୀମାନେ କାନ୍ଧରେ କାଉଡି ଭାରରେ ଗଞ୍ଜେଇ ଧରି ଜଙ୍ଗଲ ରାସ୍ତାରେ ଚାଲିଥିଲେ। ନବରଙ୍ଗପୁରରେ ପହଞ୍ଚିବା ପାଇଁ ସେମାନଙ୍କୁ ସପ୍ତାହେ ଲାଗିଥାନ୍ତା। ମାତ୍ର ମାଥିଲି ପୋଲିସ କୌଣସି ସୂତ୍ରରୁ ଏପରି ଗଞ୍ଜେଇ ଚାଲାଣ ସମ୍ପର୍କରେ ଖବର ପାଇ ରବିବାର ଚଢାଉ କରି ୯ଜଣଙ୍କୁ ଗିରଫ କରିଥିଲା। ଗିରଫ ବ୍ୟକ୍ତିମାନେ ହେଲେ ନବରଙ୍ଗପୁର ଜିଲା କୋଷାଗୁମୁଡା ଥାନା ଅଞ୍ଚଳର ରାଜାରାମ ହରିଜନ (୩୫), ରତନ ଭତ୍ରା (୩୦), ଚୈତନ୍ୟ ହରିଜନ (୨୫), ରାଇନୁ ହରିଜନ (୫୦), ଭାସ୍କର ହରିଜନ (୧୯), ଲକ୍ଷ୍ମଣ ହରିଜନ (୫୦), କୋଟପାଡ ଥାନାଞ୍ଚଳର ଜଗବନ୍ଧୁ ହରିଜନ (୪୫), ଉମରକୋଟ ଥାନାଞ୍ଚଳର ଚନ୍ଦ୍ର ହରିଜନ (୨୨), ମାଲକାନଗିରି ଜିଲା ଓର୍କେଲ ଥାନା ଅଞ୍ଚଳର ସାମ ଦାମି (୨୦)। ଅନ୍ୟ କେତେ ଜଣ ସେଠାରୁ ଫେରାର ହୋଇଯାଇଛନ୍ତି। ଆଇଆଇସି ଜନ ଖୁଜୁରଙ୍କ ତତ୍ତ୍ୱାବଧାନରେ ହୋଇଥିବା ଏହି ଚଢାଉ ବେଳେ ପୋଲିସ ୫ କୁଇଣ୍ଟାଲ ଗଞ୍ଜେଇ ଜବତ କରିଛି। ଏନେଇ ୭୮/୧୮ରେ ଏକ ମାମଲା ରୁଜୁ ହୋଇଛି । ସୂଚନାଯୋଗ୍ୟ ଯେ, ଗୋଟିଏ ଥର ଗଞ୍ଜେଇ ଭାର କାନ୍ଧେଇ ଠିକଣା ଜାଗାରେ ପହଞ୍ଚାଇ ଦେଲେ ଜଣେ ଚାଲାଣକାରୀଙ୍କୁ ୫ ହଜାର ଟଙ୍କା ପର୍ଯ୍ୟନ୍ତ ମିଳିଥାଏ । ଗୋଟିଏ ସ୍ଥାନରୁ ଅନ୍ୟସ୍ଥାନକୁ ଚାଲାଣବେଳେ କେତୋଟି ଥାନା ଏରିଆ ପଡୁଛି ସେହି ଅନୁସାରେ ଏହି ଅର୍ଥ ଧାର୍ଯ୍ୟ ହୋଇଥାଏ । ଗୋଟିଏ ସପ୍ତାହରେ ୫ ହଜାର ଟଙ୍କା ଅର୍ଥ ଲୋଭ ସେମାନଙ୍କୁ ଏହି କାର୍ଯ୍ୟ କରିବାକୁ ଉତ୍ସାହିତ କରୁଛି। ମାଜିଷ୍ଟ୍ରେଟ ଦାୟିତ୍ୱରେ ଥିବା ବିଡିଓ ଆଶିଷ କୁମାର ଭୋଇ ତଦାରଖ କରିଥିଲେ । ସୋମବାର ୯ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯିବ।

## ନିର୍ମାଣର ବର୍ଷେ ପୂରିନି ବର୍ଷାରେ ଭାଙ୍ଗିଲା ଗାର୍ଡୱାଲ

ମାଥିଲି, ୨।୯ (ଡି.ଏନ.ଏ)

ମାଲକାନଗିରି ଜିଲା ମାଥିଲି ବ୍ଲକ ଅନ୍ତର୍ଗତ ମୁଖ୍ୟରାସ୍ତା ପାର୍ଶ୍ୱରେ ନିର୍ମାଣ ହୋଇଥିବା ଗାର୍ଡୱାଲ ବର୍ଷାରେ ଭାଙ୍ଗିଯାଇଛି । ଗତ କିଛି ଦିନର ଲଗାଣ ବର୍ଷାରେ ଏହି ଗାର୍ଡୱାଲ ଭାଙ୍ଗିଯାଇଥିବା ଜଣାପଡିଛି। ବ୍ଲକ ସଦରସ୍ଥିତ ଆଇଟିଆଇ କଲେଜ ନିକଟରେ ରାସ୍ତା ପାର୍ଶ୍ୱ ମାଟିକୁ ମଜବୁତ କରିବା ପାଇଁ ଗତ ୬ମାସ ତଳେ ଏହି ଗାର୍ଡୱାଲ ନିର୍ମାଣ ହୋଇଥିଲା । ରାସ୍ତା ନିର୍ମାଣକାରୀ ସଂସ୍ଥା ସଦରଠାରୁ ପ୍ରାୟ ୨ କିମି ପର୍ଯ୍ୟନ୍ତ ୱାଲ ନିର୍ମାଣ କରିଥିଲା। ଆଇଟିଆଇ କଲେଜ ନିକଟରେ ହୋଇଥିବା ୱାଲ ଗତ ଲଗାଣ ବର୍ଷାରେ ମାଟି ଧସିବା ଫଳରେ ଭାଙ୍ଗିଯାଇଛି । ତେବେ ନିମ୍ନମାନର କାମ ହୋଇଥିବାରୁ ଏପରି ହୋଇଥିବା ସ୍ଥାନୀୟ ଅଞ୍ଚଳର କୁନାଲ ସାହୁ ଅଭିଯୋଗ କରିଛନ୍ତି । ବିଭିନ୍ନ ସ୍ଥାନରେ ମଧ ରାସ୍ତା ଫାଟି ଆଁ କରିଛି । ଏଥିପ୍ରତି ଜିଲା ପ୍ରଶାସନ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହୋଇଛି ।



ଭାଙ୍ଗି ଯାଇଥିବା ଗାର୍ଡୱାଲ।

## ଗୁରୁପ୍ରିୟା ସେତୁ ନିର୍ମାଣରେ ଦୁର୍ନୀତି ହୋଇଛି: କଂଗ୍ରେସ

ମାଲକାନଗିରି,୨।୯(ଡି.ଏନ.ଏ.)

ମାଲକାନଗିରି ଜିଲାର ବିଚ୍ଛିନ୍ନାଞ୍ଚଳକୁ ଯୋଗଯୋଗ କରିବାକୁ ନିର୍ମିତ ଗୁରୁପ୍ରିୟା ସେତୁରେ ୭୪ କୋଟି ଟଙ୍କା ଦୁର୍ନୀତି କରାଯାଇଛି । ଏଥିରେ ରାଜ୍ୟ ସରକାର ସିଧାସଳଖ ସମ୍ପୃକ୍ତ ବୋଲି ଅଭିଯୋଗ କରିଛନ୍ତି ରାଜ୍ୟ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ। ସେ କହିଛନ୍ତି ଯେ, ଗୁରୁପ୍ରିୟା ଦୁର୍ନୀତି ଓ ଚିତ୍ରକୋଣ୍ଡା ଅଞ୍ଚଳରେ ପାଠପଢ଼ାରୁ ବଞ୍ଚିତ ହୋଇଥିବା ୨ ହଜାର ଛାତ୍ରୀଛାତ୍ରଙ୍କ ପାଇଁ କଂଗ୍ରେସ ବିଧାନସଭା ଓ ରାସ୍ତାରେ ଆନ୍ଦୋଳନ କରିବ । ରବିବାର ଦିନିକିଆ ମାଲକାନଗିରି ଗସ୍ତରେ ଆସି ଗୁରୁପ୍ରିୟା ସେତୁ ପରିଦର୍ଶନ କରି ଜାନବାଇଠାରେ ଆୟୋଜିତ ଏକ ସଭାରେ ଯୋଗ ଦେଇ ସେ ଏହା କହିଛନ୍ତି। ରାଜ୍ୟ ସରକାର ଗୁରୁପ୍ରିୟା ସେତୁ କରିଥିବାରୁ ଧନ୍ୟବାଦର ପାତ୍ର । ମାତ୍ର ଦୁର୍ନୀତିକୁ ବରଦାସ୍ତ କରାଯିବ ନାହିଁ। ସ୍ୱାଧୀନତା ପାଇଁ ଶହୀଦ ଲକ୍ଷ୍ମଣ ନାୟକ ପ୍ରାଣବଳି ଦେଇ ସ୍ୱାଧୀନତା ଆଣିଥିଲେ । ଇତି ମଧ୍ୟରେ ୭୦ ବର୍ଷ ବିତିଯାଇଥିଲେ ସୁଦ୍ଧା ଏଠାକାର ଅଧିବାସୀମାନେ ସେମାନଙ୍କ ମୌଳିକ ସୁବିଧା ଜଳ, ଜମି ଓ ଜଙ୍ଗଲରୁ ବଞ୍ଚିତ ହୋଇ ରହିଛନ୍ତି । ରାଜ୍ୟର ଶତକଡ଼ା ୪୦ ଭାଗ ଲୋକେ ଆଦିବାସୀ ଓ ଦଳିତ ବର୍ଗର । ଯେପର୍ଯ୍ୟନ୍ତ ସେମାନଙ୍କର ବିକାଶ ହୋଇନାହିଁ ସେ ପର୍ଯ୍ୟନ୍ତ ରାଜ୍ୟର ବିକାଶ ହୋଇପାରିବ ନାହିଁ ବୋଲି ସେ କହିଥିଲେ । ବିଧାୟକ, ମନ୍ତ୍ରୀ ଓ ସରକାରୀ କର୍ମଚାରୀଙ୍କ ଦରମା ବୃଦ୍ଧି କରାଗଲା । ମାତ୍ର ଏବେ ମଧ ସରକାର ମାସିକ ଭତ୍ତା ୩ ଶହ ଟଙ୍କା ଦେଉଛନ୍ତି। ରାଜ୍ୟରେ କଂଗ୍ରେସ ସରକାର ଗଠନ ହେଲେ ଭତ୍ତା ୧ହଜାର ଟଙ୍କାକୁ ବୃଦ୍ଧି କରାଯିବ। ପୁଞ୍ଜିପତିମାନଙ୍କୁ ସରକାର କୋଟି କୋଟି ଟଙ୍କା ଛାଡ଼ କରୁଥିବା ବେଳେ ଚାଷୀଙ୍କ ଋଣ ଛାଡ଼ କରୁନାହାନ୍ତି । ସ୍ୱାଭିମାନ ଅଞ୍ଚଳର ୧୫୧ଟି ଗ୍ରାମର ଗ୍ରାମବାସୀଙ୍କ ପାଇଁ ୨ଟି ଲଞ୍ଚ ରହିଛି । ଲୋକେ ବହୁ ସମସ୍ୟା ଦେଇ ଚଳୁଛନ୍ତି। କଂଗ୍ରେସ ସରକାରକୁ ଆସିଲେ ବିଶେଷ କରି ପଛୁଆ ଜିଲାର ବିକାଶ ପାଇଁ ଗୁରୁତ୍ୱ ପ୍ରଦାନ କରାଯିବ ବୋଲି କହିଥିଲେ । ପି.ସି.ସି କାର୍ଯ୍ୟକାରୀ ସଭାପତି ପ୍ରଦୀପ ମାଝିଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ସଭାରେ ଅନ୍ୟମାନଙ୍କ ମଧ୍ୟରେ ବିରୋଧୀ ଦଳ ମୁଖ୍ୟ ସଚେତକ ତଥା ବିଧାୟକ ତାରାପ୍ରସାଦ ବାହିନୀପତି, ପିସିସି ମିଡ଼ିଆ ସେଲ ଅଧକ୍ଷ ସତ୍ୟ ପ୍ରକାଶ ନାୟକ, ଡାବୁଗାଁ ବିଧାୟକ ଭୂଜବଳ ମାଝି, କୋରାପୁଟ ଜିଲା କାର୍ଯ୍ୟକାରୀ ସଭାପତି ରାମ କାଡ଼ାମ, ଜିଲା କଂଗ୍ରେସ କମିଟି ସଭାପତି ଗୋବିନ୍ଦ ପାତ୍ର, କାର୍ଯ୍ୟକାରୀ ସଭାପତି ରାମ ପ୍ରସାଦ ପଟ୍ଟନାୟକ ଯୋଗ ଦେଇ କଂଗ୍ରେସ ସରକାରଙ୍କ ଅମଳରେ କରାଯାଇଥିବା ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ଓ ଗତ ୧୮ ବର୍ଷ ଧରି ଶାସନ କରୁଥିବା ରାଜ୍ୟ ସରକାରଙ୍କ ଆଦିବାସୀମାରଣ ନୀତି ଉପରେ ଆଲୋକପାତ କରିଥିଲେ । ପରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ଅତିଥିମାନେ ଯୋଗଦେଇଥିଲେ। ବିଚ୍ଛିନ୍ନାଞ୍ଚଳର ୬ଟି ପଞ୍ଚାୟତ ବାହ୍ୟଜଗତରୁ ସମ୍ପୂର୍ଣ୍ଣ ବିଚ୍ଛିନ୍ନ ହୋଇରହିଛି । ଲୋକମାନେ ଏବେ ବି ଗମନାଗମନ ପାଇଁ ଲଞ୍ଚ ଏବଂ ଡଙ୍ଗା ଉପରେ ନିର୍ଭର କରୁଛନ୍ତି । ଶିକ୍ଷା ସ୍ୱାସ୍ଥ୍ୟ ଭଳି ମୌଳିକ ସୁବିଧା ସେଠାରେ ପହଞ୍ଚିପାରିନାହିଁ। ଏଠାରେ ବିଦ୍ୟୁତ ଉତ୍ପାଦନ ହେଉଛି ଅଥଚ ଲୋକେ ବିଦ୍ୟୁତ୍ ପାଉନାହାନ୍ତି । ନଦୀ ଅଛି, ପାନୀୟଜଳ ପାଉନାହାନ୍ତି ବୋଲି ସେମାନେ ଅଭିଯୋଗ କରିଥିଲେ।

## ବିଧାୟକଙ୍କ ବିଭିନ୍ନ ଗ୍ରାମ ପରିଦର୍ଶନ

କୁଡୁମୁଲୁଗୁମ୍ମା,୨।୯(ଡି.ଏନ.ଏ.)

ଚିତ୍ରକୋଣ୍ଡା ବିଧାୟକ ଡମ୍ବରୁ ଶିଶା କୁଡୁମୁଲୁଗୁମ୍ମା ପଞ୍ଚାୟତ ପୁରୁଣାଗୁମ୍ମା, ପୂଜାରୀଗୁଡା, ପାଖନଗୁଡା, ଦୋରାଗୁଡା ଓ ବିଙ୍ଗୁଗୁଡା ଗ୍ରାମ ଗସ୍ତ କରିଥିଲେ। ବିଭିନ୍ନ ଗ୍ରାମରେ ସେ ଲୋକଙ୍କ ସମସ୍ୟା ସମ୍ପର୍କରେ ପଚାରି ବୁଝିଥିଲେ। ବର୍ଷାରେ ଧୋଇ ହୋଇଯାଇଥିବା ରାସ୍ତା, ଚାଷଜମି ଓ ମାଛ ପୋଖରୀ ବୁଲି ଦେଖିଥିଲେ। ମାଛ ଚାଷ କରିଥିବା ସ୍ୱଂୟ ସହାୟକ ଗୋଷ୍ଠୀ ସହ ଆଲୋଚନା କରିଥିଲେ। ପୁର୍ବାର ମାଛ ଚାଷ ପାଇଁ ସେମାନଙ୍କୁ ସହାୟତା ଯୋଗାଇ ଦେବାକୁ ବିଭାଗୀୟ ଅଧିକାରୀଙ୍କ ସହ କଥା ହୋଇଥିଲେ। ପରେ ପୁରୁଣାଗୁମ୍ମା ବାଳିକା ଉଚ୍ଚ ବିଦ୍ୟାଳୟରେ ପହଞ୍ଚି ନବମ ଓ ଦଶମ ଶ୍ରେଣୀ ଛାତ୍ରୀମାନଙ୍କୁ ବିଧାୟକ ଶିଶା ପାଠ ପଢାଇଥିଲେ। ପରେ ସେ ପାଖନଗୁଡା, ଦୋରାଗୁଡା ଗ୍ରାମକୁ ଯାଇ କେତେକ ପ୍ରକଳ୍ପର ଶିଳାନ୍ୟାସ କରିଥିଲେ। ଏହି ସମୟରେ ବିଧାୟକ ପ୍ରତିନିଧି ବାଳକୃଷ୍ଣ ପ୍ରଧାନ, ଏମପି ପ୍ରତିନିଧି ସାଧୁ ହନ୍ତାଳ, ସରପଞ୍ଚ ପହଲା ପାଙ୍ଗିଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।

## ରାସ୍ତାରୁ କାଦୁଅ ଉଠାଇଲେ ଯୁବକ

ମାଥିଲି, ୨।୯ (ଡି.ଏନ.ଏ)

ରାସ୍ତା ଅବସ୍ଥା ନେଇ ଦୀର୍ଘ ୧୫ ବର୍ଷ ହେଲା ସମସ୍ୟାରେ ଚଳୁଛନ୍ତି ଗ୍ରାମବାସୀ। ଏନେଇ ପ୍ରଶାସନର ଦୃଷ୍ଟି ଆକର୍ଷଣ କରିଥିଲେ ମଧ କୌଣସି ପଦକ୍ଷେପ ନିଆଯାଉନାହିଁ। ରବିବାର ପ୍ରଶାସନିକ ଉଦାସୀନତାର ପ୍ରତିବାଦ ଜଣାଇଛନ୍ତି ସ୍ଥାନୀୟ ଯୁବକ। ବିପର୍ଯ୍ୟସ୍ତ ହୋଇପଡିଥିବା ରାସ୍ତାରୁ କାଦୁଅ ଉଠାଇ ସେଥିରେ ସୁଧାର ଆଣିଛନ୍ତି ସେମାନେ। ଏପରି ଘଟଣା ମାଲକାନଗିରି ଜିଲା ମାଥିଲି ବ୍ଲକରେ ଦେଖିବାକୁ ମିଳିଛି। ବ୍ଲକ ଅଧୀନରେ ମାଥିଲିଠାରୁ କାଳିଆଗୁଡା ରାସ୍ତା ରହିଛି। ପୂର୍ବରୁ ଏହି ରାସ୍ତା ଅବସ୍ଥା ଠିକ୍ ନ ଥିବା ବେଳେ ଗତ ଲଗାଣ ବର୍ଷାରେ ଆହୁରି ଶୋଚନୀୟ ହୋଇପଡିଥିଲା। କାଦୁଅ ଭର୍ତ୍ତି ରାସ୍ତାରେ ଯାତାୟାତ ଲାଗି ଗ୍ରାମବାସୀ ନାହିଁ ନ ଥିବା ହଇରାଣ ହେଉଥିଲେ। ଦଳପତିଗୁଡା, ଚେଡେଙ୍ଗା ଓ ମେକା ପଞ୍ଚାୟତବାସୀ ପ୍ରଶାସନର ଦୃଷ୍ଟି ଆକର୍ଷଣ କରି କିଛି ସୁଫଳ ପାଇ ନ ଥିଲେ। କାଦୁଅ ରାସ୍ତାରେ ଚାଲିଚାଲି ଯିବା ମଧ କଷ୍ଟକର ହୋଇପଡୁଛି । ଏଭଳି ସମସ୍ୟାର ସମାଧାନ ପାଇଁ ମେକା ପଞ୍ଚାୟତର ଦାମାପଡା ଯୁବକ ସଂଘ ଅଣ୍ଟା ଭିଡିଥିଲା । ସଂଘ ସଦସ୍ୟ ଏକାଠି ହୋଇ ରାସ୍ତାରୁ କାଦୁଅ ଉଠାଇଥିଲେ। ସଂଘର ଘନ ନାୟକ, ତୁଳସୀରାମ ନାୟକଙ୍କ ତତ୍ତ୍ୱାବଧାନରେ ପ୍ରାୟ ୪୦ରୁ ଉର୍ଦ୍ଧ୍ୱ ଯୁବକ ଏଥିରେ ସାମିଲ ହୋଇଥିଲେ। ଆଗାମୀ ଦିନରେ ରାସ୍ତା ମରାମତି କରିବାକୁ ପ୍ରଶାସନ ପଦକ୍ଷେପ ନ ନେଲେ ଆନ୍ଦୋଳନ କରାଯିବ ବୋଲି ସଂଘ ପକ୍ଷରୁ କୁହାଯାଇଛି ।



ଯୁବକମାନେ ଗ୍ରାମ ରାସ୍ତାରୁ କାଦୁଅ ଉଠାଉଛନ୍ତି।



ମାଲକାନଗିରି ଗସ୍ତରେ ଆସିଥିବା ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ ଲୋକଙ୍କ ସହ ଆଲୋଚନା କରୁଛନ୍ତି।

## ମାଲକାନଗିରିରେ ଆଇପିପିବିର ଶୁଭାରମ୍ଭ

ମାଲକାନଗିରି,୨।୯ (ଡି.ଏନ୍.ଏ.)

କେନ୍ଦ୍ର ସରକାରଙ୍କ ଇଣ୍ଡିଆନ୍ ପୋଷ୍ଟ ପେମେଣ୍ଟ ବ୍ୟାଙ୍କ (ଆଇ.ପି.ପି.ବି.) କାର୍ଯ୍ୟକ୍ରମ ମାଲକାନଗିରି ସଦର ମହକୁମାସ୍ଥିତ ଡାକ ବିଭାଗରେ ଆରମ୍ଭ ହୋଇଛି। ଅତିଥି ରୂପେ ଜିଲା ପରିଷଦ ଅଧକ୍ଷ ଦାଶରଥି ପଡିଆମି, ବିଧାୟକ ମାନସ ମାଡକାମ, ପୋଷ୍ଟାଲ୍ ଇନ୍ସପେକ୍ଟର ରାଜେନ୍ଦ୍ର ସିଂ ଇନ୍ଦୋରା, ଆଇପିପିବି ମ୍ୟାନେଜର ଅରବିନ୍ଦ କୁମାର ଯୋଗଦେଇ ଏହି ଯୋଜନାରେ ଗ୍ରାମାଞ୍ଚଳ ଲୋକମାନେ ଘରେ ରହି କିପରି ଟଙ୍କା କାରବାର କରିପାରିବେ ସେ ସମ୍ପର୍କରେ ବୁଝାଇଥିଲେ। ଯୋଜନାର ସୁଫଳ ଲୋକଙ୍କ ନିକଟରେ ପହଞ୍ଚାଇବା ପାଇଁ ବ୍ୟାପକ ସଚେତନତା ସୃଷ୍ଟି କରାଇବା ନେଇ ଗୁରୁତ୍ୱାରୋପ କରିଥିଲେ। ମାଲକାନଗିରି ପୋଷ୍ଟ ଅଫିସରେ ଲୋକଙ୍କୁ ପାସପୋର୍ଟ ପ୍ରଦାନ ନେଇ କାର୍ଯ୍ୟ ଆରମ୍ଭ ହେବ।

# ଯବାନଙ୍କ ସହାୟତାରେ ପ୍ରସୂତିଙ୍କ ଜୀବନ ବଞ୍ଚିଲା

ମାଲକାନଗିରି,୨।୯ (ଡି.ଏନ୍.ଏ.)

ମାଲକାନଗିରି ଜିଲାରେ ଏହି ଗୋଟିଏ ମାସ ମଧ୍ୟରେ ବହୁ ରୋଗୀ ଖଟିଆରେ ବୁହା ହୋଇ ଡାକ୍ତରଖାନା ଆସିବା ଯେମିତି ନିତିଦିନିଆ ଘଟଣା ପାଲଟିଛି। କେଉଁଠି ରାସ୍ତା ଅବସ୍ଥା ଶୋଚନୀୟ ତ ଆଉ କେଉଁଠି ରାସ୍ତା ହିଁ ନାହିଁ। କେଉଁଠି ନଦୀରେ ଡଙ୍ଗାରେ ରୋଗୀଙ୍କୁ ନଦୀ ପାର କରାଇ ଡାକ୍ତରଖାନାକୁ ନିଆଯାଉଛି। ଏପରି ପୁଣି ଏହି ଘଟଣା ଘଟିଛି ଜିଲାର ଚିତ୍ରକୋଣ୍ଡା ବ୍ଲକ ସ୍ୱାଭିମାନ ଅଞ୍ଚଳରେ । ଜଣେ ଗର୍ଭବତୀ ମହିଳାଙ୍କୁ ୭ କିଲୋମିଟର ଖଟିଆରେ ବୁହା ହୋଇ ଅଣାଯିବା ଦେଖିବାକୁ ମିଳିଛି । ତେବେ ଯବାନଙ୍କ ସହାୟତା ଯୋଗୁ ତାଙ୍କ ଜୀବନ ରକ୍ଷା ହୋଇପାରିଛି।

ଖବରରୁ ଜଣାପଡିଛି ପାପରମେଟଲା ପଞ୍ଚାୟତର ଦିବାରପୋତନା ଗ୍ରାମର ଅର୍ଜୁନ ଖରାଙ୍କ ସ୍ତ୍ରୀ ଭଗବତୀ ଖରାଙ୍କ ଶନିବାର ରାତିରେ ଗର୍ଭ ଯନ୍ତ୍ରଣା ହୋଇଥିଲା । ମଝିରେ ପାଲାମ ନଦୀ ଥିବାରୁ ଗାଡି ଯାତାୟାତ ମଧ ହୋଇପାରୁ ନ ଥିଲା । ଏପରି ସ୍ଥିତିରେ ବହୁ କଷ୍ଟରେ ଗ୍ରାମବାସୀ ସମ୍ପୃକ୍ତା ମହିଳାଙ୍କୁ ଖଟିଆରେ ବୋହି ଆଣି ନଦୀ ପାର କରି ୭ କିଲୋମିଟର ଦୂର ବଡପଡାରେ ପହଞ୍ଚିଥିଲେ । ଏ ସମ୍ପର୍କରେ ଖବର ପାଇଁ ବିଏସଏଫ୍ କ୍ୟାମ୍ପର ଡାକ୍ତର ତାଙ୍କର ପ୍ରାଥମିକ ଚିକିତ୍ସା କରିବା ପରେ ତାଙ୍କ ଆମ୍ବୁଲାନ୍ସରେ ଚିତ୍ରକୋଣ୍ଡା ଆଣିଥିଲେ । ସେଠାରେ ମହିଳା ଜଣକ ଏକ ମୃତ ଶିଶୁକୁ ଜନ୍ମ ଦେଲା ପରେ ତାଙ୍କ ଅବସ୍ଥା ଆହୁରି ଗୁରୁତର ହୋଇପଡିଥିଲା । ସେଠାରୁ ତାଙ୍କୁ ଆଣି ମାଲକାନଗିରି ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ଅତ୍ୟଧିକ ରକ୍ତସ୍ରାବ ଯୋଗୁ ତାଙ୍କ ଅବସ୍ଥା ଗୁରୁତର ହୋଇପଡିଥିଲା। ଚିକିତ୍ସା ପରେ ସେ ସୁସ୍ଥ ଥିବା ଡାକ୍ତର ସପନ କୁମାର ଡିଣ୍ଡା କହିଛନ୍ତି। ଅନ୍ୟପକ୍ଷରେ ଯବାନମାନଙ୍କ ଏପରି କାର୍ଯ୍ୟକୁ ସାଧାରଣରେ ପ୍ରଶଂସା କରାଯାଇଛି।



ଜଣେ ଗର୍ଭବତୀଙ୍କୁ ଗ୍ରାମବାସୀ ନଦୀ ପାର କରି ଡାକ୍ତରଖାନା ନେଉଛନ୍ତି।

## ସଂକ୍ଷେପରେ



### ଜିମ୍ ଉଦ୍‌ଘାଟିତ

ସେମିଳିଗୁଡ଼ା,୨।୯(ସ୍ୱ.ପ୍ର.): ମିଳିଗୁଡ଼ାଠାରେ ଶକ୍ତି ଅଲ୍‌ଟିମେଟ୍ ମସଲ୍ସ ଜିମ୍‌ର ଶୁଭାରମ୍ଭ ହୋଇଛି। ସୁନାବେଡ଼ା ଏସ୍‌ଡିପିଓ ନିରଞ୍ଜନ ବେହେରା ଏହାକୁ ଉଦ୍‌ଘାଟନ କରିଛନ୍ତି। ଜିମ୍ ମାଲିକଙ୍କ ପିତା ଘନଶ୍ୟାମ ରାଉତ ଏଠାରେ ଉପସ୍ଥିତ ଥିଲେ। ସେମିଳିଗୁଡ଼ାରେ ଏପରି ଅତ୍ୟାଧୁନିକ ଜିମ୍ କେନ୍ଦ୍ର ଖୋଲାଯାଇଥିବାରୁ ସାଧାରଣରେ ଏହାକୁ ସ୍ୱାଗତ କରାଯାଇଛି।

### ଜନ୍ମାଷ୍ଟମୀ ପାଇଁ ପୂଜାର୍ଚ୍ଚନା

କୋରାପୁଟ,୨।୯(ସ୍ୱ.ପ୍ର.): ପବିତ୍ର ଜନ୍ମାଷ୍ଟମୀ ପାଇଁ କୋରାପୁଟ ସହରର ବିଭିନ୍ନ ସ୍ଥାନରେ ନନ୍ଦ ଉତ୍ସବ, ପୂଜାର୍ଚ୍ଚନା ଓ ଭାଗବତ ପାରାୟଣ ଆୟୋଜିତ ହୋଇଛି। ମଣ୍ଡଳ କାରାଗାର ନିକଟରେ ଥିବା ରାଧାକୃଷ୍ଣ ମନ୍ଦିରରେ ଗତ ୩୦ ତାରିଖରୁ ଶ୍ରୀମଦ ଭାଗବତ ପାରାୟଣ ଆରମ୍ଭ ହୋଇଛି। ରବିବାର ରାତିରେ ପୂଜାର୍ଚ୍ଚନା ଓ ସୋମବାର ନନ୍ଦ ଉତ୍ସବ ପାଇଁ ସମସ୍ତ ଆୟୋଜନ କରାଯାଇଛି । ପୂଜାରେ କର୍ତ୍ତା ଭାବେ କ୍ଷୀରୋଦ ପାଢ଼ୀ, ସଂଚାଳକ ଭାବେ ଅନନ୍ତ ମାଧବ ବେହେରା, ବକ୍ତା ଭାବେ ସୁରେଶ ଚନ୍ଦ୍ର ପାଢ଼ି, ମୁଖ୍ୟ ପୂଜକ ଭାବେ ଜୟକୃଷ୍ଣ ମିଶ୍ର ସାମିଲ ଥିଲେ। ଏହି ଅବସରରେ ମା'ମାନେ ସନ୍ତାନଙ୍କ ମଙ୍ଗଳ କାମନା କରି ନିର୍ଜଳ ଉପବାସ ସହ ଶ୍ରୀକୃଷ୍ଣଙ୍କ ପୂଜାର୍ଚ୍ଚନା କରିଛନ୍ତି। କେନ୍ଦ୍ରୀୟ ବିଦ୍ୟାଳୟ ନିକଟସ୍ଥ ବିଷ୍ଣୁ ମନ୍ଦିର, କଲେଜ ପରିସରରେ ଥିବା ରାଧାକୃଷ୍ଣ ମନ୍ଦିର ସମେତ ଶାବର ଶ୍ରୀକ୍ଷେତ୍ରରେ ମଧ ଜନ୍ମାଷ୍ଟମୀ ଓ ନନ୍ଦ ଉତ୍ସବ ପାଳିତ ହୋଇଛି ।

### ରାଧାକୃଷ୍ଣ ବେଶରେ ଶିଶୁ

ଜୟପୁର,୨।୯(ଡି.ଏନ୍.ଏ./ନି.ପ୍ର.): ଜନ୍ମାଷ୍ଟମୀ ପାଇଁ ଜୟପୁରସ୍ଥିତ ଶାରଦା ବିହାର ବିଦ୍ୟାମନ୍ଦିରରେ ମୁଖ୍ୟ ଅତିଥି ଭାବେ ପ୍ରଧାନ ଆଚାର୍ଯ୍ୟ ପ୍ରସନ୍ନ ବସ୍ତିଆ ଶୁଭାରମ୍ଭ କରିଛନ୍ତି। ଶିଶୁମାନେ କୃଷ୍ଣ ଓ ରାଧା ବେଶ ପ୍ରଦର୍ଶନ କରିଥିଲେ। ପରିଚାଳନା କମିଟି ସଂପାଦକ ସତ୍ୟପ୍ରିୟ ସୁଆର, କୋଷାଧକ୍ଷ ପରମେଶ୍ୱର ପାତ୍ର ଉପସ୍ଥିତ ଥିଲେ । ସେହିପରି ବିଜ୍ଞାନ ଇଣ୍ଟରନ୍ୟାସନାଲ ବିଦ୍ୟାଳୟରେ ଅଧକ୍ଷ ବିଶ୍ୱରଞ୍ଜନ ସାହୁଙ୍କ ଅଧକ୍ଷତାରେ ଛୋଟ ଛୁଆଙ୍କୁ ନେଇ ଜନ୍ମାଷ୍ଟମୀ ପାଳିତ ହୋଇଥିଲା । ଅରବିନ୍ଦ ନଗର ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ପ୍ରଧାନ ଆଚାର୍ଯ୍ୟ ଲକ୍ଷ୍ମୀକାନ୍ତ ମିଶ୍ରଙ୍କ ତତ୍ତ୍ୱାବଧାନରେ ଜନ୍ମାଷ୍ଟମୀ ପାଳିତ ହୋଇଛି। ଶିକ୍ଷା ବିକାଶ ସମିତି ନୀରିକ୍ଷକ ଲକ୍ଷ୍ମୀଧର ସ୍ୱାଇଁଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟବକ୍ତା ଭାବେ ଅନୁପମା ମହାପାତ୍ର ଯୋଗ ଦେଇଥିଲେ । ସୁଜାତା ସାହୁ ଅତିଥି ପରିଚୟ ଓ ଅମିତା ମହାପାତ୍ର ଧନ୍ୟବାଦ ଦେଇଥିଲେ। ରାଜମହଲ ଛକ ସ୍ଥିତ ଗୀତା ଭବନ କମିଟି, ରାଜାରାଜୁଡା ସମୟର କୁଞ୍ଜ ବିହାରୀ, ରାଧାକୃଷ୍ଣ, ରସିକ ଶିରୋମଣି, ରାଧମାଧବ, ରାଧାକାନ୍ତ, ମଦନ ମୋହନ, କାଳୀକୃଷ୍ଣ ମନ୍ଦିରରେ ପୂଜାର୍ଚ୍ଚନା ଓ ହୋମଯଜ୍ଞ କରାଯାଇଥିଲା।

### ଜନ୍ମାଷ୍ଟମୀ ଉତ୍ସବ

ଦାମନଯୋଡ଼ି,୨।୯(ଡି.ଏନ୍.ଏ): ଦାମନଯୋଡ଼ିର ବିଭିନ୍ନ ସ୍ଥାନରେ ଜନ୍ମାଷ୍ଟମୀ ପାଳିତ ହୋଇଯାଇଛି। ନାଲକୋ ଟାଉନସିପସ୍ଥିତ ଜଗନ୍ନାଥ ମନ୍ଦିର ପରିସରସ୍ଥ ରାଧାକୃଷ୍ଣ ମନ୍ଦିର ଏବଂ ମାଥାଲପୁଟ ରାଧାକୃଷ୍ଣ ମନ୍ଦିରରେ ଜନ୍ମାଷ୍ଟମୀ ପାଳିତ ହୋଇଛି। ସେହିପରି ଭେଜାପୁଟ ସିଦ୍ଧେଶ୍ୱର ମନ୍ଦିର, ମାଥାଲପୁଟ୍ ତ୍ରିନାଥ ମନ୍ଦିର, ଶନିମନ୍ଦିରରେ ଏହି ଉତ୍ସବ ପାଳିତ ହୋଇଛି। ମାଥାଲପୁଟ ମନ୍ଦିର ପୂଜକ ପ୍ରଣୟ ଦେବତା, ପ୍ରତାପ ପଣ୍ଡା ପୂଜାକାର୍ଯ୍ୟ କରିଥିଲେ।

### ଶିଶୁ ମନ୍ଦିରରେ ଜନ୍ମାଷ୍ଟମୀ

ଦଶମନ୍ତପୁର,୨।୯(ଡ଼ି.ଏନ୍.ଏ): ଦଶମନ୍ତପୁର ବ୍ଲକ୍‌ସ୍ଥିତ ସରସ୍ୱତୀ ଶିଶୁ ମନ୍ଦିରରେ ପବିତ୍ର ଜନ୍ମାଷ୍ଟମୀ ଉତ୍ସବ ପାଳିତ ହୋଇଯାଇଛି। ଉତ୍ସବରେ ପ୍ରଧାନ ଆଚାର୍ଯ୍ୟ ସତ୍ୟ ନାରାୟଣ ନନ୍ଦ, ତହସିଲଦାର ଅଜୟ ପ୍ରକାଶ ତିର୍କୀ,ଏମ୍‌ପିଙ୍କ ପ୍ରତିନିଧି ତଥା ଉପାଧକ୍ଷ ନାରାୟଣ ବିଶୋଇ, ସରସ୍ୱତୀ ଶିଶୁ ମନ୍ଦିରର ସଭାପତି ବ୍ରଜେନ୍ଦ୍ର କଂସାରୀ, ଉପଦେଷ୍ଟା ରମାକାନ୍ତ ଦଳାଇ, ସୁରେଶ ସୁବୁଦ୍ଧି, ବେଣୁଧର ପାତ୍ର, ରଘୁପତି ବିଶୋଇ, ଅଗ୍ରଗାମୀ ପ୍ରକଳ୍ପ ନିର୍ଦ୍ଦେଶକ ଅତୁଲ ନାୟକ ପ୍ରମୁଖ ଉପସ୍ଥିତ ଥିଲେ। କୁନିକୁନି ପିଲାମାନେ ରାଧାକୃଷ୍ଣଙ୍କ ବେଶରେ ସଜେଇ ହୋଇଥିଲେ।

■ ଜୟପୁରରେ ପିସିସି ସଭାପତିଙ୍କ ଖବରଦାତା ସମ୍ମିଳନୀ

# ଯୁବକଙ୍କ ଚାକିରି ନେଇଛି ରାଫେଲ ଦୁର୍ନୀତି

■ ଅବିଭକ୍ତ କୋରାପୁଟ ଜିଲା ବନ୍ଦ ପାଇଁ ଚେତାବନୀ

■ ଦୁର୍ନୀତି ପ୍ରସଙ୍ଗ ନେଇ ଘରେ ଘରେ ପହଞ୍ଚିବ କଂଗ୍ରେସ

ଜୟପୁର,୨।୯(ନି.ପ୍ର.)

ଶତାବ୍ଦୀର ମହାଦୁର୍ନୀତି ହେଉଛି ରାଫେଲ । ସମସ୍ତ ନୀତି ନିୟମକୁ ଜଳାଞ୍ଜଳି ଦେଇ ବିମାନକୁ ନେଇ ୪୨ ହଜାର କୋଟି ଟଙ୍କାର ଦୁର୍ନୀତି ହୋଇଛି। ଦେଶର ୧ ଲକ୍ଷ ୨୦ ହଜାର ବେକାର ଯୁବତୀ ଯୁବକ ଚାକିରି ପାଇବାରୁ ବଞ୍ଚିତ ହୋଇଛନ୍ତି । ଏହାର ପ୍ରତିବାଦରେ ଆଗାମୀ ଦିନରେ ଅବିଭକ୍ତ କୋରାପୁଟ ଜିଲା ବନ୍ଦ କରାଯିବା ସହ ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଧାରଣା ଦିଆଯିବ। ଏହି ଦୁର୍ନୀତିକୁ ପ୍ରସଙ୍ଗ କରି ଘରେ ଘରେ ପହଞ୍ଚିବ କଂଗ୍ରେସ। ଜୟପୁରଠାରେ ରବିବାର ଏକ ଖବରଦାତା ସମ୍ମିଳନୀରେ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ ଏହା କହିଛନ୍ତି।

କୋରାପୁଟ ଜିଲା ସୁନାବେଡ଼ାରେ ୫୦ ବର୍ଷର ବିଶ୍ୱାସନୀୟ ସଂସ୍ଥା ହାଲ ରହିଛି। ଏଠାରେ ୪ ପ୍ରକାର ଇଞ୍ଜିନ ତିଆରି ହୁଏ । କିନ୍ତୁ ଏହି ସଂସ୍ଥା ବଦଳରେ ଭାରତର ପ୍ରଧାନମନ୍ତ୍ରୀ ଅମ୍ବାନିଙ୍କୁ ଅନୁକମ୍ପା ଦେଖାଇଛନ୍ତି । ଫଳରେ ଏଭଳି ଦୁର୍ନୀତି ଯୋଗୁଁ ଓଡ଼ିଶାର ୪୦ରୁ ୫୦ ହଜାର ଯୁବତୀ ଯୁବକ ଚାକିରି ପାଇବାରୁ ବଞ୍ଚିତ ହୋଇଛନ୍ତି। ଏହା ଦେଶଦ୍ରୋହଠାରୁ କମ୍ ନୁହେଁ। ସତସାହସ ଥିଲେ ଏହାର ଜେପିସି ତଦନ୍ତ କରାନ୍ତୁ ବୋଲି ଆହ୍ୱାନ ଦେଇଛନ୍ତି ପିସିସି ସଭାପତି । ଅମ୍ବାନିଙ୍କ ବଦଳରେ ଯଦି ଏହା ହାଲ୍‌କୁ ମିଳିଥାନ୍ତା, ତେବେ ଅବିଭକ୍ତ କୋରାପୁଟ ଜିଲା ଭଳି ପଛୁଆ ଅଞ୍ଚଳର ଭାଗ୍ୟ ପରିବର୍ତ୍ତନ ହୋଇଥାନ୍ତା। ସବୁ କ୍ଷେତ୍ରରେ କେନ୍ଦ୍ରକୁ ଦାୟୀ କରୁଥିବା ବିଜେଡି ମଧ ରାଫେଲ ଦୁର୍ନୀତିରେ ଚୁପ୍ ରହିବା ଘଟଣା ବିଜେଡି ଓ ଭାଜପାର ସମ୍ପର୍କକୁ ଦର୍ଶାଉଛି। ଏହି ଦୁଇ ଦଳ ଭୁବନେଶ୍ୱରରେ କଳି ଲାଗୁଥିବା ବେଳେ ଦିଲ୍ଲୀରେ କୋଳାକୋଳି ହୁଅନ୍ତି ବୋଲି ବିରୋଧୀ ଦଳ ମୁଖ୍ୟ ସଚେତକ ତାରାପ୍ରସାଦ ବାହିନୀପତି କହିଥିଲେ। ରାଜ୍ୟରେ ୩୬ ଲକ୍ଷ ଶିକ୍ଷିତ ଯୁବତୀ ଯୁବକ ଚାକିରି ପାଇଁ ସରକାରଙ୍କ ନିକଟରେ ପଞ୍ଜିକୃତ ହୋଇଥିବା ବେଳେ ୬୦ ଲକ୍ଷ ଯୁବକ ସୁରତ, ହାଇଦ୍ରାବାଦ, ଚେନ୍ନାଇ ଏବଂ ବେଙ୍ଗାଲୁର ପରି ସହରରେ ନିଜ ଭବିଷ୍ୟତ ଖୋଜୁଛନ୍ତି । ଏହାକୁ ରାଜ୍ୟ ସରକାର ଗୁରୁତ୍ୱ ନଦେଇ ବିଜୁ ଯୁବ ବାହିନୀ ନାମରେ ବିଜୁ ସେନା ଗଠନ କରିବାର ଅଭିପ୍ରାୟ କଣ ବୋଲି କଂଗ୍ରେସ ପ୍ରଶ୍ନ କରିଛି । ସମ୍ମିଳନୀରେ ପିସିସି କାର୍ଯ୍ୟକାରୀ ସଭାପତି ପ୍ରଦୀପ ମାଝି, ରାଜ୍ୟ ମିଡିଆ ସେଲ ଅଧକ୍ଷ ସତ୍ୟ ନାୟକ, ଜିଲା ସଭାନେତ୍ରୀ ମିନାକ୍ଷୀ ବାହିନୀପତି ଉପସ୍ଥିତ ଥିଲେ। ଏହି ଅବସରରେ ବରିଷ୍ଠ ସାମାଜିକ କର୍ମୀ ପ୍ରଭୁଦାନ ଭତ୍ରାଙ୍କ ସହ ୧୦ ଜଣ ଯୁବକ କଂଗ୍ରେସରେ ଯୋଗ ଦେଇଥିଲେ।



ଖବରଦାତା ସମ୍ମିଳନୀରେ ପିସିସି ସଭାପତିଙ୍କ ସହ ବିଧାୟକ ଓ ଅନ୍ୟମାନେ ।

# ଜାପାନୀ-ମସ୍ତିଷ୍କ ଜ୍ୱର ରୋକିବା ପାଇଁ କର୍ମଶାଳା

କୋରାପୁଟ,୨।୯(ସ୍ୱ.ପ୍ର.)

ଆଦିବାସୀ ଅଧୁଷିତ ଅଞ୍ଚଳରେ ଜାପାନିଜ ଏନ୍‌ସେଫାଲାଇଟସ ଓ ମସ୍ତିଷ୍କ ଜ୍ୱରର ପ୍ରାଦୁର୍ଭାବ ହ୍ରାସ କରିବା ପାଇଁ ରବିବାର କୋରାପୁଟସ୍ଥିତ ଶହୀଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜ ସମ୍ମିଳନୀ କକ୍ଷରେ ଦିନିକିଆ ରାଜ୍ୟସ୍ତରୀୟ କର୍ମଶାଳା ଅନୁଷ୍ଠିତ ହୋଇଛି । ରାଜ୍ୟ ପରିବାର କଲ୍ୟାଣ ବିଭାଗ ସ୍ୱତନ୍ତ୍ର ସଚିବ ଡାକ୍ତର ବିଶ୍ୱଜିତ ବ୍ରହ୍ମା ମୁଖ୍ୟ ଅତିଥି ଭାବେ କର୍ମଶାଳାର ଶୁଭାରମ୍ଭ କରିଥିଲେ। ଆଦିବାସୀ ଅଞ୍ଚଳରେ ଘୁଷୁରି ଓ ଜଳଚର ପକ୍ଷୀଙ୍କ ଦ୍ୱାରା ଏହି ରୋଗ ବ୍ୟାପୁଥିବାବେଳେ ଏ ଦିଗରେ ସ୍ଥାନୀୟ ଜିଲାପାଳ, ସିଡିଏମ୍‌ଓ, ସ୍ୱାସ୍ଥ୍ୟ ବିଭାଗ ବିଶେଷଜ୍ଞ, ସ୍ୱେଚ୍ଛାସେବୀ ଅନୁଷ୍ଠାନ ମିଳିତ ଭାବେ କାର୍ଯ୍ୟ କରିବାକୁ ସେ ପରାମର୍ଶ ଦେଇଥିଲେ । ସ୍ୱାସ୍ଥ୍ୟ ନିର୍ଦ୍ଦେଶିକା ପ୍ରମିଳା ବରାଳ, କୋରାପୁଟ ମେଡିକାଲ କଲେଜର ଡିନ ପ୍ରଫେସର କୃଷ୍ଣଚନ୍ଦ୍ର ବିଶ୍ୱାଳ, ଜିଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀ, ମେଡିକାଲ କଲେଜ ଅଧୀକ୍ଷକ କ୍ଷେତ୍ରବାସୀ ସୁବୁଦ୍ଧି ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ସେହିପରି ୧୨ଟି ଜିଲାର ସିଡିଏମଓ ଏବଂ ସ୍ୱାସ୍ଥ୍ୟ ଅଧିକାରୀ ଯୋଗଦେଇ ଜାପାନୀ ରୋଗ ଓ ମସ୍ତିଷ୍କ ଜ୍ୱରର ମୁଖ୍ୟ କାରଣ ଓ ପ୍ରତିଷେଧକ ବ୍ୟବସ୍ଥା ଉପରେ ଆଲୋକପାତ କରିଥିଲେ । ୨୦୧୮ରେ ରାଜ୍ୟରେ ୪୬ ଜଣ ଜାପାନି ଜ୍ୱରରେ ଆକ୍ରାନ୍ତ ହୋଇଛନ୍ତି। କୌଣସି ରୋଗୀଙ୍କ ମୃତ୍ୟୁ ହୋଇନଥିବା କର୍ମଶାଳାରେ ସୂଚନା ମିଳିଛି । ଏଡିଏମ୍‌ଓ ମଦନ ମୋହନ ପ୍ରଧାନ ଓ ଡାକ୍ତର କାଳିପ୍ରସାଦ ବେହେରା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ୨୦୧୬ରେ ମାଲକାନଗିରି ଜିଲାରେ ଜାପାନୀ ଜ୍ୱରରେ ୩୪ ଜଣ ଓ ମସ୍ତିଷ୍କ ଜ୍ୱରରେ ୬୯ ଜଣ ଶିଶୁଙ୍କର ମୃତ୍ୟୁ ହୋଇଥିଲା ।



କର୍ମଶାଳାରେ ଯୋଗଦେଇଥିବା ଅତିଥିମାନେ ।

# ନାଲ୍‌କୋ କ୍ଲବ୍‌ର ବାର୍ଷିକ ଉତ୍ସବ

ଦାମନଯୋଡ଼ି,୨।୯(ଡି.ଏନ୍.ଏ)

ନାଲକୋ କ୍ଲବ୍ ପକ୍ଷରୁ ଏହାର ବାର୍ଷିକୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ନାଲ୍‌କୋ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଦିଲ୍ଲୀପ କୁମାର ମହାନ୍ତି, ମହାପ୍ରବନ୍ଧକ ରାଜୀବ ମିଶ୍ର, ପ୍ରଶାନ୍ତ ଷଡଙ୍ଗୀ, ରବି ଶଙ୍କର ଦାସ, ଏସ୍‌କେ ପାଢ଼ୀ, ଭୀମସେନ ପ୍ରଧାନ, ରାମଚନ୍ଦ୍ର ତ୍ରିପାଠୀ, ଏ.କେ. ଦାସ ଏବଂ ଆର୍.ସି ଯୋଶୀ ଅତିଥି ଭାବେ ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ପୂର୍ବରୁ ଅନୁଷ୍ଠିତ କ୍ଲବ ଅଲିମ୍ପିକ୍ସ-୨୦୧୮ର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଛି। ଅନ୍ୟମାନଙ୍କ ମଧ୍ୟରେ ସମ୍ପାଦକ ଦେବାଶିଷ ଛୋଟରାୟ, ସତ୍ୟକାମ ବସୁ, ପଙ୍କଜ ଶତ୍ରୁ, କେ ନାଗେଶ୍ୱର ପାତ୍ର ନାୟକ, ସିତେନ୍ଦୁ ମହାରଣା, ଅର୍ଜୁନ ପ୍ରମୁଖ ଉପସ୍ଥିତ ଥିଲେ।



ଅତିଥିମାନେ ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରୁଛନ୍ତି ।

## ଶୋଭାଯାତ୍ରାରେ ଶିକ୍ଷକ ମହାସଂଘ ଜିଲାପାଳଙ୍କୁ ୬ ଦଫା ଦାବିପତ୍ର ପ୍ରଦାନ

କୋରାପୁଟ,୨।୯(ସ୍ୱ.ପ୍ର.)

କୋରାପୁଟ ଜିଲା ମିଳିତ ପ୍ରାଥମିକ ଶିକ୍ଷକ ମହାସଂଘ ରବିବାର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ୬ ଦଫା ସମ୍ବଳିତ ଦାବିପତ୍ର ଦେଇଛି। ମହାସଂଘ ମୁଖ୍ୟ ଆବାହକ ପ୍ରଦୀପ ଜାଲଙ୍କ ନେତୃତ୍ୱରେ ଶତାଧିକ କର୍ମକର୍ତ୍ତା ଶୋଭାଯାତ୍ରାରେ ସହର ପରିକ୍ରମା କରି ଶେଷରେ ସ୍ଥାନୀୟ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଜିଲାପାଳଙ୍କ ଜରିଆରେ ଏହି ଦାବିପତ୍ର ଦିଆଯାଇଥିବା ବେଳେ, ସରକାର ଏହି ଦାବିଗୁଡ଼ିକର ସମାଧାନ ନକଲେ, ବାଧହୋଇ ଆନ୍ଦୋଳନ କରିବୁ ବୋଲି ସଂଘ ଚେତାବନୀ ଦେଇଛି।

# ଛାତ୍ରୀଛାତ୍ରଙ୍କ ହାତରେ ବିଦ୍ୟାଳୟ ପାଇଖାନା ସଫେଇ

ଜୟପୁର,୨।୮(ଡି.ଏନ୍.ଏ.)

ସର୍ବଶିକ୍ଷା ଅଭିଯାନ ମାଧ୍ୟମରେ ଛାତ୍ରୀଛାତ୍ରଙ୍କ ପାଇଁ ଶିକ୍ଷା ବାଧ୍ୟତାମୂଳକ କରାଯାଇଛି। କିନ୍ତୁ ପିଲା ପାଠ ଜାଗାରେ ବିଦ୍ୟାଳୟର ପାଇଖାନା ସଫେଇ କରିବା ଭଳି ଘଟଣା ଏବେ ଭ୍ରୂକୁଞ୍ଚନ ସୃଷ୍ଟି କରିଛି । ଜୟପୁର ବ୍ଲକ ଅନ୍ତା ପଞ୍ଚାୟତର ପି. ବାୟାଗୁଡା ପ୍ରାଥମିକ ବିଦ୍ୟାଳୟରେ ଗତ ଶନିବାର ଛାତ୍ରୀଛାତ୍ର ପାଇଖାନା ସଫା କରୁଥିବା ଗ୍ରାମବାସୀ ଅଭିଯୋଗ କରିବା ସହ ଏହାକୁ ସୋସିଆଲ ମିଡିଆରେ ଭାଇରାଲ କରିଛନ୍ତି। ରବିବାର ଛୁଟି ଥିବା ଯୋଗୁଁ ସୋମବାର ବ୍ଲକ ଶିକ୍ଷାଧିକାରୀଙ୍କ ନିକଟରେ ଅଭିଯୋଗ କରିବେ ବୋଲି ଗ୍ରାମବାସୀ ବୃନ୍ଦାବନ ନାଗ କହିଛନ୍ତି । ଗତ ଶନିବାର ପୂର୍ବାହ୍ନରେ ୭ଟାରୁ ବିଦ୍ୟାଳୟ ଆରମ୍ଭ ହୋଇଥିଲା । କିନ୍ତୁ ବିଦ୍ୟାଳୟର ୪ର୍ଥ ଏବଂ ୫ମ ଶ୍ରେଣୀର ଛାତ୍ରୀଛାତ୍ରଙ୍କ ଦ୍ୱାରା ପାଇଖାନାର ପ୍ୟାନ, ତଳ ଟାଇଲସ ଏବଂ ହାତଧୁଆ ବେସିନ ସଫେଇ କରାଯାଉଥିଲା । କିଏ ସଫେଇ ପାଇଁ କହିଛି ବୋଲି ପିଲାଙ୍କୁ ଗ୍ରାମବାସୀ ପଚାରିବାରୁ ସ୍କୁଲ ଦିଦି କହିଛନ୍ତି ବୋଲି ସେମାନେ କହିଥିଲେ । ସିଆରସିସି ରବୀନ୍ଦ୍ର ପାଢୀଙ୍କୁ ଯୋଗାଯୋଗ କରିବାରୁ, ସେ କହିଥିଲେ, ଏନେଇ ତାଙ୍କ ନିକଟରେ କୌଣସି ସୂଚନା କିମ୍ବା ଅଭିଯୋଗ ନାହିଁ । ସୋମବାର ପ୍ରଧାନ ଶିକ୍ଷୟିତ୍ରୀଙ୍କୁ ପଚାରିବି। ସେହିପରି ଏବିଇଓ ପି. ହରିଶ୍ଚନ୍ଦ୍ର ରାଓ କହିଛନ୍ତି, ଏନେଇ ଆସନ୍ତା ସୋମବାର ସତ୍ୟାସତ୍ୟ ଯାଞ୍ଚ ପାଇଁ ସିଆରସିସିଙ୍କୁ ନିର୍ଦ୍ଦେଶ ଦିଆଯିବ।



■ ଠିକାଦାରି ରାଜନୀତିରୁ ଦଳରେ ଅସନ୍ତୋଷ

# ଫାଟ ଯୋଡ଼ିବାକୁ ବିଜେଡିର ପ୍ରୟାସ

ବୈପାରୀଗୁଡ଼ା,୨।୯(ଡି.ଏନ୍.ଏ.)

ବୈପାରୀଗୁଡା ବ୍ଲକ ପେନ୍ଦାପଡା ପଞ୍ଚାୟତ କାର୍ଯ୍ୟାଳୟ ଗୃହର ଠିକାଦାରିକୁ କେନ୍ଦ୍ରକରି ସରପଞ୍ଚ ସମିତି ସଭ୍ୟଙ୍କ ସମେତ ପ୍ରାୟ ୪ ଶହ କର୍ମୀ ଦଳ ଛାଡ଼ିବା ଘଟଣା ବିଜେଡିରେ କଂପନ ସୃଷ୍ଟି କରିଛି। ଗତ ଶୁକ୍ରବାର ସେମାନେ ଏକ ଖବରତାତା ସମ୍ମିଳନୀ କରି ଦଳ ଛାଡ଼ିବା କଥା ଘୋଷଣା କରିଥିଲେ । ଏହାପରେ ଦଳ ଭିତରେ ଫାଟ ଯୋଡ଼ିବାକୁ ଜୋରଦାର ପ୍ରୟାସ ଆରମ୍ଭ ହୋଇଛି।

ସେହି ସନ୍ଧ୍ୟାରେ ଡାକରା ହେବାରୁ ଉକ୍ତ ପଞ୍ଚାୟତର ସରପଞ୍ଚ, ସମିତି ସଭ୍ୟ, ଜିଲା ପରିଷଦ ସଭ୍ୟା ହୀରାମଣି ପୂଜାରି, ବ୍ଲକ ଉପାଧ୍ୟକ୍ଷଙ୍କ ସମେତ କେତେକ ବ୍ଲକସ୍ତରୀୟ ନେତା ଭୁବନେଶ୍ୱର ଯାଇଥିଲେ । ସେଠାରେ ଜଣେ ମନ୍ତ୍ରୀଙ୍କ ଉପସ୍ଥିତିରେ ଅସନ୍ତୁଷ୍ଟ କର୍ମୀମାନଙ୍କୁ ମନାଇବାକୁ ପ୍ରୟାସ କରାଯାଇଥିଲା। ଏକ ବିଶ୍ୱସ୍ତସୂତ୍ରରୁ ଜଣାପଡ଼ିଛି ଯେ, ବ୍ଲକର ଜଣେ ବରିଷ୍ଠ ନେତା ତଥା ବିଧାୟକ ଆଶାୟୀ ପ୍ରାର୍ଥୀ ସଂପୃକ୍ତ ଠିକାଦାରଙ୍କୁ ବିଜେଡି ଦଳରେ ସାମିଲ କରିବାକୁ ପ୍ରସ୍ତାବ ଦେଇଥିଲେ । ତଥାପି ଉକ୍ତ କାମର ଠିକାଦାରି ଦାୟିତ୍ୱରୁ ସଂପୃକ୍ତ ଠିକାଦାରଙ୍କୁ ହଟାଇବାକୁ କର୍ମୀମାନେ ଅଡି ବସିଥିଲେ । କୌଣସି ସମାଧାନର ବାଟ ନ ମିଳିବାରୁ ପ୍ରଶାସନ ଉପରେ ଚାପ ପକାଇ ଉକ୍ତ କାମକୁ କିଛି ମାସ ସ୍ଥଗିତ ରଖିବା ପାଇଁ ନିଷ୍ପତ୍ତି ନିଆଯାଇଛି। ଏଠାରେ ଉଲ୍ଲେଖଯୋଗ୍ୟ ଯେ ଗତ ୨୭ ତାରିଖ 'ଧରିତ୍ରୀ'ରେ 'ଖୋଲାଖୋଲି ଚାଲିଛି ପିସି କାରବାର' ଶୀର୍ଷକରେ ଖବର ପ୍ରକାଶ ପାଇଥିଲା, ଯେଉଁଥିରେ ଟେଣ୍ଡର ବଦଳରେ ଠିକାଦାରଙ୍କୁ ଅନୁକଂପା ଦେଖାଇ ବ୍ଲକ ପ୍ରଶାସନ କାମ ଦେଇଥିବା ଉଲ୍ଲେଖ ରହିଥିଲା। ଅପରପକ୍ଷେ ଦୀର୍ଘଦିନ ତଳୁ ରାମଗିରି ପଞ୍ଚାୟତରୁ ଅଲଗା ହୋଇ ପେନ୍ଦାପଡ଼ା ନୂତନ ପଞ୍ଚାୟତ ମାନ୍ୟତା ପାଇଥିବା ବେଳେ ଗୃହ ନ ଥିବାରୁ ଲୋକ ଅସୁବିଧା ଭୋଗୁଛନ୍ତି। ଏବେକାର ରାଜନୈତିକ କନ୍ଦଳରେ ସାଧାରଣ ଲୋକେ ପେସି ହେଉଥିବା ଆଲୋଚନା ହେଉଛି।

# ରାଧାକୃଷ୍ଣମୟ ହେଲେ ଶିଶୁ



ଦଶମନ୍ତପୁର ବ୍ଲକ୍‌ସ୍ଥିତ ସରସ୍ୱତୀ ଶିଶୁ ମନ୍ଦିରରେ ପବିତ୍ର ଜନ୍ମାଷ୍ଟମୀ ଉତ୍ସବ ଅବସରରେ ରାଧା ଓ କୃଷ୍ଣ ବେଶରେ ସଜ୍ଜିତ ହୋଇଥିବା ଛାତ୍ରୀଛାତ୍ରମାନେ ।



କୋରାପୁଟ ରାଧାକୃଷ୍ଣ ମନ୍ଦିରରେ ଜନ୍ମାଷ୍ଟମୀ ।



ଦାମନଯୋଡ଼ିରେ ଏକ ବିଦ୍ୟାଳୟରେ ବିଭିନ୍ନ ବେଶରେ ଛାତ୍ରୀଛାତ୍ରମାନେ ।



ଜୟପୁରସ୍ଥିତ ବିଜ୍ଞାନ ଇଣ୍ଟରନ୍ୟାଶନାଲ ସ୍କୁଲରେ ଜନ୍ମାଷ୍ଟମୀ ପାଳନ ।



ଜୟପୁରସ୍ଥିତ ସାରଦା ବିହାର ଶିଶୁ ମନ୍ଦିରରେ ବିଭିନ୍ନ ବେଶରେ ଶିଶୁମାନେ ।



ରାଜନୀତିରେ ବହୁ ଦୁଷ୍ଟ ସ୍ୱଭାବର ଅସାଧୁ ଲୋକମାନଙ୍କ ପ୍ରବେଶ ଫଳରେ ଏହା ଅସାମାଜିକ ଲୋକମାନଙ୍କ ସ୍ୱର୍ଗ ବୋଲି ଧାରଣା ହେବା ସ୍ୱାଭାବିକ।
-ବେନ୍ ଜନ୍‌ସନ୍



## ସଂକ୍ଷେପରେ

### ଜେଲରୁ ମୁକୁଳିଲେ ଗୋ ସୁରକ୍ଷାକର୍ମୀ

**ଗୁଣପୁର,୨୧୯(ଡି.ଏନ.ଏ):** ରାୟଗଡା ଜିଲା ଗୁଣପୁର ଅଞ୍ଚଳର ଗୋ ସୁରକ୍ଷାକର୍ମୀ ରବି ଆଚାରି ଗତ ୨୩ ତାରିଖରେ ଜେଲ ଯାଇଥିଲେ । ତାଙ୍କୁ ଗୁଣପୁର ଏସଡିଜେଏମ କୋର୍ଟରୁ ଜାମିନ ମିଳିବା ପରେ ସେ ଶନିବାର ଜେଲରୁ ମୁକୁଳିଛନ୍ତି। ବିଭିନ୍ନ ମାମଲାରେ ଏସଜଡିଜେଏମ ବିଭୁଦତ୍ତ ନାୟକ ରବିଙ୍କୁ ଜାମିନ ପ୍ରଦାନ କରିଥିଲେ। ଅଭିଯୁକ୍ତଙ୍କ ପାଇଁ ତାଙ୍କ ଓକିଲ ବିଶ୍ୱନାଥ ସାହୁ ମାମଲା ପରିଚାଳନା କରିଥିଲେ । ସୂଚନାଯୋଗ୍ୟ ଯେ, ଗତ ମେ ୧୮ ତାରିଖରେ ମୁନିଗୁଡା ଅଞ୍ଚଳର ରାମନାଗୁଡା ଦେଇ ଆନ୍ଧ୍ରକୁ ଗୋରୁ ଚାଲାଣ ହେଉଥିବା ବେଳେ ଗୋ ସୁରକ୍ଷାକର୍ମୀମାନେ ଧରିବାସହ ପୋଲିସକୁ ସୂଚନା ଦେଇଥିଲେ। ୨୦୦ରୁ ଉର୍ଦ୍ଧ୍ୱ ଗୋରୁକୁ ଉଦ୍ଧାର କରିବା ସହ ମୁନିଗୁଡା ଫାଣ୍ଡି ପୋଲିସ ୩ ଜଣଙ୍କୁ ଅଟକ ରଖି ପଚରାଉଚରା କରି ଛାଡି ଦେଇଥିଲା । ହେଲେ ଏହି ଘଟଣାରେ ପାଲଟା ଅଭିଯୋଗ ଗୋ ସୁରକ୍ଷା କର୍ମୀ ରବି ଆଚାରୀ ଏବଂ ରାୟଗଡାର ତିର୍ଥ ସାହୁଙ୍କ ନାମରେ ମାମଲା ରୁଜୁ ହୋଇଥିଲା। ସେମାନେ ଆନ୍ଧ୍ର ପ୍ରଦେଶ ବିଜୟନଗରମ ଅଧିନ କେଦାରପୁର ଗ୍ରାମର ଗୋ ଚାଲାଣକାରୀ ଗବର ବିଡିକାଙ୍କୁ ମାରପିଟ କରିଥିବା ନେଇ ଅଭିଯୋଗ ହୋଇଥିଲା। ଏହି ମାମଲାରେ କୋର୍ଟ ପକ୍ଷରୁ ଉଭୟଙ୍କ ନାମରେ ୱାରେଣ୍ଟ ହୋଇଥିବାବେଳେ ପୋଲିସ ରବିଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା ।

### ଲଗାଣ ବର୍ଷାରେ ଧୋଇଯାଇଛି ପୋଲ: ଲୋକେ ହନ୍ତସନ୍ତ

**ଅମ୍ବାଦଲା, ୨୧୯(ଡି.ଏନ୍.ଏ.):** ରାୟଗଡା ଜିଲା ମୁନିଗୁଡା ବ୍ଲକ ଅଧୀନ ଇଚ୍ଛାପୁର ପଞ୍ଚାୟତ ଡାଙ୍ଗବାଡି ଗ୍ରାମରୁ ସାଙ୍ଗବାଲଣା ପର୍ଯ୍ୟନ୍ତ ଥିବା ପୋଲ ପାତ୍ରମୁଣ୍ଡାଠାରେ ଗତ ବର୍ଷାରେ ଧୋଇଯାଇଛି। ଫଳରେ ଲୋକେ ବିଭିନ୍ନ ଅସୁବିଧା ଭୋଗୁଥିବା ଅଭିଯୋଗ କରିଛନ୍ତି। ପୋଲ ଧୋଇଯିବାରୁ ଚାଷଜମିରେ ବାଲିଚର ମାଡିଯାଇଛି। ଜମିରେ ବାଲିଚର ମାଡିଯିବାରୁ ଚାଷୀ ମୁଣ୍ଡରେ ଏବେ ଚଡକ। ପ୍ରଶାସନିକ ଅଧିକାରୀମାନେ ସେଠାରେ ପହଞ୍ଚି କ୍ଷୟକ୍ଷତି ଆକଳନ କରି ଚାଷୀଙ୍କୁ ପରାମର୍ଶ ଦେବା କଥା। କିନ୍ତୁ ଏଯାବତ୍ ସେମାନେ ସେଠାରେ ପହଞ୍ଚି ନାହାନ୍ତି। ସେହିଭଳି ଦୁର୍ଗମ ରଘୁବାରା ଓ ଡିମିରିଗୁଡା ପଞ୍ଚାୟତ ଅବସ୍ଥା ନ କହିବା ଭଲ। ପଞ୍ଚାୟତର ଅନେକ ଗ୍ରାମରେ ବହୁ ଲୋକଙ୍କ ଘର ଭାଙ୍ଗିଯିବା ସହ ସେଠାରେ ମଧ ଅନେକ ଚାଷୀଙ୍କ ଜମିରେ ବାଲିଚର ମାଡିଯାଇଛି। ରଘୁବାରି ଘାଟି ସମ୍ପୂର୍ଣ୍ଣ ଧୋଇଯାଇଛି। ଫଳରେ ଏହି ଦୁଇ ପଞ୍ଚାୟତବାସୀ ଅମ୍ବାଦଲା ସହରକୁ କି ମୁନିଗୁଡା ବ୍ଲକକୁ ଯିବା ଆସିବା କରି ପାରୁ ନାହାନ୍ତି। ଏଥିପ୍ରତି ପ୍ରଶାସନ ତୁରନ୍ତ ଦୃଷ୍ଟି ଦେବାକୁ ପଞ୍ଚାୟତବାସୀ ଦାବି କରିଛନ୍ତି।

### ଆର୍‌ଏସ୍‌ଏସ୍‌ର ସଦଭାବନା ବୈଠକ

**ଗୁଣପୁର,୨୧୯(ଡି.ଏନ.ଏ):** ଗୁଣପୁର କଲେଜ ନିକଟ କାଶୀବିଶ୍ୱନାଥ ମନ୍ଦିରସ୍ଥିତ କଲ୍ୟାଣମଣ୍ଡପରେ ଆର୍‌ଏସ୍‌ଏସ୍ ପକ୍ଷରୁ ସଦ୍‌ଭାବନା ବୈଠକ ରବିବାର ଅନୁଷ୍ଠିତ ହୋଇଯାଇଛି । ଏଥିରେ ଆରଏସଏସର ପ୍ରାନ୍ତ ପ୍ରଚାରକ ବିଷ୍ଣୁ ପ୍ରସାଦ ପାତ୍ର ଯୋଗଦେଇ ପରିବେଶର ସୁରକ୍ଷା ପାଇଁ ଗୋ ଆଧାରିତ କୃଷି, ସାମାଜିକ ସମରସତା, ସମସ୍ତଙ୍କ ମଧରେ ସଦଭାବନା ଜାଗ୍ରତ କରିବା ଆଦି ବିଷୟରେ ଉଦ୍‌ବୋଧନ ଦେଇଥିଲେ । ଅନ୍ୟମାନଙ୍କ ମଧରେ କଳାହାଣ୍ଡି ବିଭାଗ ପ୍ରଚାରକ ପ୍ରଣବ ନାୟକ, ଜିଲା ସଂଘ ଚାଳକ ନନ୍ଦିକେଶ୍ୱର ଚୌଧୁରୀ ପ୍ରମୁଖ ଉପସ୍ଥିତ ଥିଲେ ।



ଲୋକେ ପଥୁରିଆ ରାସ୍ତା ଅତିକ୍ରମ କରି ପାଣି ଆଣୁଛନ୍ତି।



ଡ଼ଙ୍ଗରବଲାଙ୍ଗୀର ଗ୍ରାମ।

# ପାହାଡ ଡେଉଁନି ବିକାଶ

**ଡ଼ଙ୍ଗରବଲାଙ୍ଗୀର ଗାଁ**
- ବିଦ୍ୟୁତ ଆଲୁଅ ସାତ ସପନ
- ପଥୁରିଆ ରାସ୍ତା ଅତିକ୍ରମ କଲେ ମିଳେ ପାନୀୟ ଜଳ
- ଗାଁକୁ ନାହିଁ ପକ୍କା ରାସ୍ତା

**ବିଷମକଟକ, ୨୧୯(ଡି.ଏନ୍.ଏ.)**

ସରକାର ଲୋକମାନଙ୍କୁ ବିଭିନ୍ନ ସୁବିଧା ସୁଯୋଗ ଯୋଗାଇ ଦେବାକୁ ଅନେକ ଯୋଜନା କରିଛନ୍ତି। କିନ୍ତୁ ଆଦିବାସୀ ଅଧୁଷିତ ଅଞ୍ଚଳରେ ସେ ସବୁ ଠିକ୍‌ଭାବେ ପହଞ୍ଚି ପାରୁନାହିଁ। ଏମିତି ଏକ ଗାଁ ହେଉଛି ରାୟଗଡା ଜିଲା ବିଷମକଟକ ବ୍ଲକ ଭାତପୁର ପଞ୍ଚାୟତ ଡଙ୍ଗରବଲାଙ୍ଗୀର। ସ୍ୱାଧୀନତାର ୭୨ ବର୍ଷ ପରେ ମଧ ଲୋକେ ଏଠାରେ ବିଦ୍ୟୁତ୍, ଶୁଦ୍ଧ ପାନୀୟ ଜଳ, ପକ୍କା ରାସ୍ତା ଭଳି ସୁବିଧା ପାଇପାରୁ ନାହାନ୍ତି।

ଦୁଇଟି ପାହାଡ଼ ପାଦ ଦେଶରେ ରହିଛି ଡଙ୍ଗରବଲାଙ୍ଗୀର ଗାଁ। ପ୍ରାୟ ୬ କିଲୋମିଟର ପାହାଡ ଅତିକ୍ରମ କଲେ ପଡ଼େ ଏହି ଗାଁ । ଏଠାରେ ୪୦ ପରିବାର ବସବାସ କରନ୍ତି। କିନ୍ତୁ ଏଯାବତ୍ ଗାଁରେ ବିଦ୍ୟୁତ୍ ଖୁଣ୍ଟିଟିଏ ମଧ ନାହିଁ। ଏଠାକାର ଲୋକଙ୍କ ପାଇଁ ବିଜୁଳି ଆଲୁଅ ସାତ ସପନ ପାଲଟିଛି। ସେହିଭଳି ଗାଁରେ ନଳକୂଅଟିଏ ମଧ ନାହିଁ। ଗାଁ ରୁ ପ୍ରାୟ ଅଧା କିଲୋମିଟର ପଥୁରିଆ ରାସ୍ତା ଅତିକ୍ରମ କଲା ପରେ ଜମି କିଆରିରେ ଥିବା କୂଅ ପାଣିକୁ ଲୋକେ ବ୍ୟବହାର କରୁଛନ୍ତି। କୂଅ ପାଣି ଅପରିଷ୍କାର ଥିବାରୁ ବିଭନ୍ନ ସଂକ୍ରାମକ ରୋଗ ବ୍ୟାପୁଥିବା ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ସ୍ୱାସ୍ଥ୍ୟସେବା କଥା ନ କହିବା ଭଲ। ଗମନାଗମନର ବ୍ୟବସ୍ଥା ନ ଥିବା ଯୋଗୁ ଜରୁରୀକାଳୀନ ସ୍ଥିତିରେ ଗର୍ଭବତୀ ଓ ରୋଗୀଙ୍କୁ ୬ କିଲୋମିଟର ଖଟିଆରେ ପାହାଡିଆ ରାସ୍ତା ଦେଇ ନେବାକୁ ପଡିଥାଏ। ଏହା ମଧରେ ଲୋକଙ୍କ ଅବସ୍ଥା ଆହୁରୀ ଗୁରୁତର ହେଉଥିବା କହିଛନ୍ତି ଗ୍ରାମବାସୀ। ଏଠାରେ ଥିବା ବିଦ୍ୟାଳୟରେ ନିୟମିତ ପାଠପଢା ହୁଏ ନାହିଁ। ପିଡିଏସ୍ ଚାଉଳ, ବିଧବା ଓ ବାର୍ଦ୍ଧକ୍ୟ ଭତ୍ତା ଆଦି ଆଣିବାକୁ ହେଲେ ହିତାଧିକାରୀଙ୍କୁ ଏହି ୬ କି.ମି. ପାହାଡ଼ ଡେଇଁ ଭାତପୁର ପଞ୍ଚାୟତକୁ ଯିବାକୁ ପଡେ। ସେହିପରି ସରକାରଙ୍କ ଶିଶୁ ଓ ମାତୃ ସୁରକ୍ଷା ଯୋଜନା ସବୁ ଏବେ ଯାଏ ଗାଁରେ ଅପହଞ୍ଚ ହୋଇ ରହିଛି। ରାସ୍ତା ନ ଥିବାରୁ ଗର୍ଭବତୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ଠିକ୍ ଭାବେ ହୋଇ ପାରୁନାହିଁ। ପୁଷ୍ଟି ସାଧନ କାର୍ଯ୍ୟକ୍ରମ ଏଠି ବାଟବଣା। ଏଠାରେ ପିଲାଙ୍କୁ ଅଣ୍ଡା ଓ ଗର୍ଭବତୀଙ୍କ ପାଇଁ ଥିବା ବିଭିନ୍ନ ସୁବିଧା ମିଳେନାହିଁ। ଶିଶୁ ମଙ୍ଗଳ ବିଭାଗ ଛତୁଆ ଟିକେ ଧରାଇ ଦେଇ ନୀରବ ରହିଯାଉଛି। ପାହାଡିଆ ଇଲାକାରେ ରହୁଥିବା ମହିଳାଙ୍କୁ ଚିକିତ୍ସାଳୟରେ ପ୍ରସବ କରାଇବା ସହ ସହାୟତା ଯୋଗାଇବା ପାଇଁ ମାତୃ ସୁରକ୍ଷା ଯୋଜନା ଚାଲିଥିବା ବେଳେ ଅନେକ ସମୟରେ ଏହା କେବଳ କାଗଜ କଲମରେ ରହିଯାଇଛି। ଗର୍ଭବତୀଙ୍କୁ ନିୟମିତ ଔଷଧ ଓ ଶିଶୁମାନଙ୍କୁ ପୁଷ୍ଟିକର ଖାଦ୍ୟ ମିଳୁ ନ ଥିବା ଅଭିଯୋଗ ହୋଇଛି। ଏନେଇ ବିଷମକଟକ ବିଡିଓ ଗୁଲାମ ମକସୁଦ୍‌ଙ୍କୁ ପଚାରିବାରୁ, ପର୍ଯ୍ୟାୟକ୍ରମେ ଲୋକଙ୍କ ସମସ୍ୟାର ସମାଧାନ କରାଯିବ ବୋଲି କହିଛନ୍ତି ।

■ଲଗାଣ ବର୍ଷାରେ ଭାଙ୍ଗିଲା ଘର

# ଗ୍ରାମବାସୀଙ୍କ ବାରଣ୍ଡାରେ ଆଶ୍ରୟ

**ରାମନାଗୁଡ଼ା,୨୧୯(ଡ଼ି.ଏନ.ଏ)**

ରାୟଗଡ଼ା ଜିଲା ରାମନାଗୁଡ଼ା ବ୍ଲକ ପାରିଖିତି ପଞ୍ଚାୟତର ଗୁମାଗୁଡ଼ା ଏକ ଆଦିବାସୀ ଗ୍ରାମ । ଗ୍ରାମବାସୀମାନେ ଡ଼ଙ୍ଗରରେ ଚାଷ କରି ପେଟ ପୋଷନ୍ତି । କିନ୍ତୁ ଚଳିତବର୍ଷ ଲଗାଣ ବର୍ଷାରେ ଗ୍ରାମର ସୁନୁ ମାଝି ହାଲକା ଏବଂ ଓ୍ୱିଣ୍ଡି ପାଲକାଙ୍କ ଘର ଭୁଶୁଡ଼ି ଯାଇଛି । ସେମାନେ ବର୍ତ୍ତମାନ ଗୃହହୀନ। ଅନ୍ୟର ବାରଣ୍ଡାରେ ଆଶ୍ରୟ ନେଇଛନ୍ତି । ୩ ବର୍ଷ ହେଲା ସେମାନଙ୍କ ନାଁ ହିତାଧିକାରୀ ତାଲିକାରେ ରହିଥିଲେ ମଧ୍ୟ ପ୍ରଧାନମନ୍ତ୍ରୀ ଆବାସ ମିଳିନାହିଁ। କିନ୍ତୁ ଚଳିତବର୍ଷ ସେମାନଙ୍କର ନାଁ ହିତାଧିକାରୀ ତାଲିକାରେ ନ ଥିବା ସେମାନେ ଅଭିଯୋଗ କରିଛନ୍ତି। କେବଳ ସୁନୁ, ଓ୍ୱିଣ୍ଡି ନୁହନ୍ତି, ଏପରି ସୁବାସ ହାଲକା, ସୁନ୍ଦୁରୁ ପାଲକା, ନୀଳକଣ୍ଠ ହାଲକା, ରାମମୂର୍ତ୍ତି ପାଲକା ଏବଂ ବଳରାମ ପାଲକା ମଧ୍ୟ ସରକାରୀ ଗୃହ ପାଇବାରୁ ବଞ୍ଚିତ ହୋଇଛନ୍ତି। ସେମାନେ ବାରମ୍ବାର ଗୁହାରି କଲେ ମଧ୍ୟ କେହି ତାଙ୍କ କଥାକୁ ଗୁରୁତ୍ୱ ଦେଉନାହାନ୍ତି । ନିହାତି ଗରିବ ଶ୍ରେଣୀର ଏହି ୭ ଜଣଙ୍କୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଘର ମିଳି ପାରିଲେ ସେମାନେ ଉପକୃତ ହୋଇପାରନ୍ତେ। ଗ୍ରାମର ପ୍ରାୟ ସମସ୍ତଙ୍କୁ ଘର ମିଳିଥିଲେ ମଧ୍ୟ ଉକ୍ତ ୭ ଜଣଙ୍କୁ ଘର ମିଳିନାହିଁ। ଏଣୁ ତୁରନ୍ତ ବ୍ଲକ ପ୍ରଶାସନ ଏ ଦିଗରେ ଦୃଷ୍ଟି ଦେବାକୁ ଗ୍ରାମବାସୀ ସଭାସୁନ୍ଦର ହାଲକା,ରାପା ରାଓ ହାଲକା ଏବଂ ରାହୁ ହାଲକା କହିଛନ୍ତି ।



ଭାଙ୍ଗିଯାଇଥିବା ଘର।



ରାୟଗଡା ଜିଲା ଚାନ୍ଦିଲି ପଞ୍ଚାୟତ ଜେକେପୁରରେ ଶିକ୍ଷକ ଅରୁଣ କୁମାର କରଙ୍କ ବାଡ଼ିରେ ଫୁଟିଥିବା ବ୍ରହ୍ମ କମଳ।

## ପରିଷ୍କାର ପରିଚ୍ଛନ୍ନତା ପାଇଁ ଅଙ୍ଗୀକାରବଦ୍ଧ

**ଶପଥ ନେଲେ ଡିଇଓ, ଶିକ୍ଷୟିତ୍ରୀ ଶିକ୍ଷକ**

**ରାୟଗଡା ଅଫିସ୍, ୨୧୯**

ରାୟଗଡା ଜିଲା ଶିକ୍ଷାଧିକାରୀ ପୂର୍ଣ୍ଣଚନ୍ଦ୍ର ବାରିହାଙ୍କ ନେତୃତ୍ୱରେ ଶନିବାର ଜିଲା ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ପରିସରରେ ଏକ ଶପଥ ଗ୍ରହଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ପରିଷ୍କାର ପରିଚ୍ଛନ୍ନତା ପାଇଁ ସମସ୍ତେ ଅଙ୍ଗୀକାରବଦ୍ଧ ହୋଇ ରହିବୁ । ଏଥିନିମନ୍ତେ ଆବଶ୍ୟକୀୟ ସମୟ ପ୍ରଦାନ କରିବୁ। ପ୍ରଥମେ ଆମେ ଏହି କାର୍ଯ୍ୟ ଆମ କାର୍ଯ୍ୟାଳୟଠାରୁ ଆରମ୍ଭ କରିବୁ । ଅନୁଷ୍ଠାନ, ଘର, ବସ୍ତି, ଗ୍ରାମ, ସହରକୁ ମଧ ସଫା ରଖିବା ପାଇଁ ଯଥା ସାଧ ଉଦ୍ୟମ କରିବୁ ବୋଲି ଶପଥ କରିଥିଲେ । କୌଣସି ସ୍ଥାନକୁ ଅପରିଷ୍କାର ରଖିବୁ ନାହିଁ, ଯଦି କୌଣସି ସ୍ଥାନ ଅପରିଷ୍କାର ରହିଛି ତେବେ ଆମେ ନିଜେ ଏବଂ ଅନ୍ୟମାନଙ୍କ ସହଯୋଗରେ ତୁରନ୍ତ ସଫା କରିବୁ ବୋଲି ଜିଲା ଶିକ୍ଷାଧିକାରୀ ବାରିହାଙ୍କ ସମେତ କାର୍ଯ୍ୟାଳୟର ସମସ୍ତ କର୍ମଚାରୀ ଓ ବହୁ ଶିକ୍ଷୟିତ୍ରୀଶିକ୍ଷକ ଶପଥ ଗ୍ରହଣ କରିଛନ୍ତି।



କର୍ମଚାରୀ, ଶିକ୍ଷକ ଓ ଅନ୍ୟମାନେ ଶପଥ ନେଉଛନ୍ତି।

## ନୂତନ ପୋଷ୍ଟାଲ ବ୍ୟାଙ୍କ ଉଦ୍‌ଘାଟିତ

**ରାୟଗଡା ଅଫିସ୍, ୨୧୯**

ସାରା ଦେଶରେ ଶନିବାର ୬୫୦ଟି ଭାରତୀୟ ପୋଷ୍ଟାଲ ପେମେଣ୍ଟ ବ୍ୟାଙ୍କ (ଆଇପିପିବି) ଉଦ୍‌ଘାଟନ ହୋଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶନିବାର ଭିଡିଓ କନଫରେନ୍ସ ଜରିଆରେ ଏହାକୁ ଉଦ୍‌ଘାଟନ କରିଛନ୍ତି । ଏହି ଅବସରରେ ରାୟଗଡା ମୁଖ୍ୟ ଡାକଘର ପରିସରରେ ନୂତନ ବ୍ୟାଙ୍କର ଉଦ୍‌ଘାଟନ କରାଯାଇଛି । ଏଥିରେ ବ୍ରହ୍ମପୁର ରେଳବାଇ ଡିଭିଜନର ମେଲ ସର୍ଭିସ ଅଧୀକ୍ଷକ ରମାକାନ୍ତ ମିଶ୍ର ମୁଖ୍ୟଅତିଥି, ରାୟଗଡା ମୁଖ୍ୟ ଡାକଘର ପୋଷ୍ଟ ମାଷ୍ଟର ହୃଷୀକେଶ ବରୋ, ରାୟଗଡା ସବ୍‌ଡିଭିଜନ ଇନ୍ସପେକ୍ଟର କିରଣ ପ୍ରସାଦ ପାତ୍ର, ଆଇପିପିବି ବ୍ୟାଙ୍କ ମ୍ୟାନେଜର କଲ୍ୟାଣୀ କୁମ୍ବାର ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ଉକ୍ତ ବ୍ୟାଙ୍କରେ ଆକାଉଣ୍ଟ ଖୋଲିବା ପାଇଁ ଅର୍ଥ ଦେୟ କରିବାକୁ ପଡିବ ନାହିଁ ବୋଲି ସୂଚନା ପ୍ରଦାନ କରାଯାଇଛି । ଲୋକେ କେବଳ ନିଜର ଆଧାରକାର୍ଡ ଓ ମୋବାଇଲ ନମ୍ବର ଦ୍ୱାରା ବ୍ୟାଙ୍କରେ ଆକାଉଣ୍ଟ ଖୋଲିପାରିବେ ବୋଲି ଜଣାପଡିଛି । ଯଦ୍ୱାରା ଗରିବ ନିରୀହ ଆଦିବାସୀ ଲୋକେ ବିନା କୌଣସି ଅସୁବିଧାରେ ନିଜର ଆକାଉଣ୍ଟ ଖୋଲିପାରିବେ । ରାୟଗଡା ମୁଖ୍ୟ ଡାକଘର ସହ ଜେଏସ୍‌କୋ ଉପଡାକଘର, ପିତାମହଲ ଉପଡାକଘର, ଜେମାଦେଇପେଣ୍ଟ ଓ ବୈରାଗୀହାଲୁଆ ଉପଡାକଘର ଠାରେ ନୂତନ ବ୍ୟାଙ୍କ ଉଦ୍‌ଘାଟନ କରାଯାଇଛି। ଏହି କାର୍ଯ୍ୟକ୍ରମକୁ ମୁଖ୍ୟ ଡାକଘର କାର୍ଯ୍ୟାଳୟର ରାଜେନ୍ଦ୍ର ପଟ୍ଟନାୟକ ଉପସ୍ଥିତ ରହି ପରିଚାଳନା କରିଥିଲେ ।

## ଓଡ଼ିଶା ମୋଟର ଚାଳକ ସଂଘ ବୈଠକ

**ଗୁଣପୁର,୨୧୯(ଡି.ଏନ.ଏ)**

ଓଡ଼ିଶା ମୋଟର ଚାଳକ ସଂଘ ରାୟଗଡା ଜିଲା ଗୁଣପୁର ଶାଖାର ଏକ ବୈଠକ ସ୍ଥାନୀୟ ବିଜୁ କଲ୍ୟାଣ ମଣ୍ଡପରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ମୋଟର ଚାଳକମାନେ କଲେଜ ନିକଟ ବିଶ୍ୱନାଥ ମନ୍ଦିର ନିକଟରୁ ଏକ ଶୋଭାଯାତ୍ରାରେ ବାହାରି ସହର ପରିକ୍ରମା କରି ବିଜୁ କଲ୍ୟାଣ ମଣ୍ଡପଠାରେ ପହଞ୍ଚି ଥିଲେ। ସେଠାରେ ମୋଟର ଚାଳକ ସଂଘ ସଭାପତି ହରପ୍ରସାଦ ପାଣିଗ୍ରାହୀଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ଆଇଟିଡିଏର ପ୍ରକଳ୍ପ ପ୍ରଶାସକ ଗୋରାଚାନ୍ଦ ଗମାଙ୍ଗ ମୁଖ୍ୟଅତିଥି ଭାବେ ଯୋଗଦେଇ ଥିଲେ। ବୈଠକରେ ସଂଘର ବିଭିନ୍ନ ସମସ୍ୟା ନେଇ ଆଲୋଚନା ହୋଇଥିଲା। ଅନ୍ୟମାନଙ୍କ ମଧରେ ଏସ୍‌ଡିପିଓ ଅଶ୍ୱନୀ ନାୟକ, ଓକିଲ ଫଣି ଭୂଷଣ ପଟ୍ଟନାୟକ, ମୋଟର ସଂଘ ରାଜ୍ୟ ସମ୍ପଦେକ ପ୍ରଭାକର ମଲିକ, ରାଜ୍ୟ କାର୍ଯ୍ୟାଳୟ ସମ୍ପାଦକ ଶୁକ୍ରଭାନୁ ପଣ୍ଡା, ବ୍ରହ୍ମପୁର ଶାଖା ସଭାପତି ରାଜେନ୍ଦ୍ର କୁମାର ଚୌଧୁରୀ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଦେବଦତ୍ତ ଡାକୁଆ, ଗୋପାଳକୃଷ୍ଣ ଦାସ, ବାସବ କହଁର, ରାଜ୍ୟ କଲ୍ୟାଣ ପାଣ୍ଠି ସଦସ୍ୟ ପ୍ରକାଶ କର୍ଣ୍ଣଙ୍କ ସମେତ ନିତ୍ୟ ରଞ୍ଜନ ମେଦିଲି, ସୁବାସ ସାହୁ, ଠାକୁର ମେହେର, ଗୋପାଳକୃଷ୍ଣ ଗୌଡ ପ୍ରମୁଖ ଉପସ୍ଥିତ ଥିଲେ। ଗୁଣପୁର ଶାଖା ସମ୍ପାଦକ ଇପିଲି ଶ୍ୟାମ ସୁନ୍ଦରଙ୍କ ସମେତ ଅନ୍ୟ କର୍ମକର୍ତ୍ତାମାନେ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।




କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନେ।

## ଭାଜପା ପକ୍ଷରୁ ଏବିଡିଓଙ୍କୁ ଦାବିପତ୍ର

**ରାୟଗଡା ଅଫିସ୍, ୨୧୯**

ଲଗାଣ ବର୍ଷାରେ ରାୟଗଡା ବ୍ଲକ୍ ଡାଙ୍ଗଲୋଡି ପଞ୍ଚାୟତ ଖିଞ୍ଜିଲିଙ୍ଗ ଗ୍ରାମରେ ୩୦ରୁ ଉର୍ଦ୍ଧ୍ୱ ଘର ସମ୍ପୂର୍ଣ୍ଣ ଭାଙ୍ଗି ନଷ୍ଟ ହୋଇଥିଲା । ତୁରନ୍ତ ସେମାନଙ୍କୁ ଘର,ବିଜୁଳି, ପାନୀୟ ଜଳ ଯୋଗାଇ ଦେବା ନେଇ ଭାଜପା ପକ୍ଷରୁ ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି । ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ କାଳିରାମ ମାଝିଙ୍କ ନେତୃତ୍ୱରେ ଜିଲା ଭାଜପା ବରିଷ୍ଠ ନେତା ରାଜୁ ସାହୁ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଯୁବ ମୋର୍ଚ୍ଚା ଉମେଶ ଖୋସ୍ଲା, ଜିଲା ଯୁବମୋର୍ଚ୍ଚା ଉପସଭାପତି ପରମାନନ୍ଦ ପ୍ରଧାନଙ୍କ ସମେତ ଦଳୀୟ ନେତୃବୃନ୍ଦ ଶୁକ୍ରବାର ରାୟଗଡା ବ୍ଲକ୍ କାର୍ଯ୍ୟାଳୟରେ ପହଞ୍ଚି ଦାବିପତ୍ର ପ୍ରଦାନ କରିଥିଲେ । ଉକ୍ତ ଦାବିପତ୍ରରେ ଉଲ୍ଲେଖ ରହିଛି ଯେ, ରାୟଗଡା ବ୍ଲକ୍ ଡାଙ୍ଗଲୋଡି ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ଖିଞ୍ଜିଲିଙ୍ଗ ଗ୍ରାମରେ ଲଘୁଚାପ ଜନୀତ ବର୍ଷାରେ ୩୦ରୁ ଉର୍ଦ୍ଧ୍ୱ ଘର ସମ୍ପୂର୍ଣ୍ଣ ଭାଙ୍ଗି ନଷ୍ଟ ହୋଇଥିଲା । ଇତିମଧ୍ୟରେ ୨ମାସ ବିତିଯାଇଥିଲେ ମଧ ଏ ପର୍ଯ୍ୟନ୍ତ ଖଣ୍ଡିଏ ପଲିଥିନଟିଏ ପ୍ରଶାସନ ପକ୍ଷରୁ ମିଳିନାହିଁ । ତେଣୁ କ୍ଷତିଗ୍ରସ୍ତ ପରିବାରକୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଘର ଯୋଗାଇବା, ଦୀର୍ଘଦିନ ହେଲା ଅଚଳ ହୋଇ ପଡ଼ି ରହିଥିବା ପାଣି ଟାଙ୍କି ଓ ନଳକୂପ ମରାମତି କରିବା, ସମସ୍ତଙ୍କ ଘରେ କେନ୍ଦ୍ରୀୟ ଯୋଜନାରେ ବିଜୁଳି ଓ ଘରକୁ ପାଇପ୍ ଯୋଗେ ପାଣି ଯୋଗାଯାଉ। ଏହାର ଆଶୁ ସମାଧାନ କରା ନ ଗଲେ ଭାଜପା ପକ୍ଷରୁ ବ୍ଲକ୍ କାର୍ଯ୍ୟାଳୟ ଆଗରେ ଧାରଣା ଓ ବିକ୍ଷୋଭ କରିବାକୁ ଉକ୍ତ ଦାବିପତ୍ରରେ ଚେତାବନୀ ଦିଆଯାଇଛି ।

## ଓଡ଼ିଆରେ ନାମଫଳକ ଲେଖିବା ପାଇଁ ଆଲୋଚନା

**ରାୟଗଡା ଅଫିସ୍, ୨୧୯**

ରାୟଗଡ଼ା ଜିଲାର ସମସ୍ତ ବ୍ୟବସାୟିକ ପ୍ରତିଷ୍ଠାନର ନାମ ଫଳକ ଓଡ଼ିଆରେ ଲେଖିବା ନିମନ୍ତେ ଗତ ଶୁକ୍ରବାର ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲାପାଳଙ୍କ ଚିନ୍ତନ କକ୍ଷଠାରେ ଅନୁଷ୍ଠିତ ବୈଠକରେ ଅତିରିକ୍ତ ଜିଲାପାଳ ସୁଧାକର ଶବର ଅଧକ୍ଷତା କରିଥିଲେ । ଏଥିରେ ଆବାହକ ବାଣିଜ୍ୟକର ଏବଂ ବାସ୍ତୁସେବାକର ଯୁଗ୍ମ ଆୟୁକ୍ତ ସୁଶାନ୍ତ କୁମାର ରାଉତ, ବାଣିଜ୍ୟକର ଏବଂ ବାସ୍ତୁକର ଅଧିକାରୀ ସୂର୍ଯ୍ୟକାନ୍ତ ସାହୁ, ରମେଶ ଟାକ୍ରି ପ୍ରମୁଖ ଯୋଗ ଦେଇଥିଲେ। ଓଡ଼ିଆ ଭାଷାରେ ନାମଫଳକ ଲେଖିବା ନେଇ ଆଲୋଚନା ହୋଇଥିଲା । ଏଥିସହ ଓଡ଼ିଆ ଭାଷାର ପ୍ରଚାର ପ୍ରସାର ପାଇଁ ସମସ୍ତ ଉଦ୍ୟୋଗୀ ଓ ବ୍ୟବସାୟୀ ବନ୍ଧୁ ମାନଙ୍କୁ ପରାମର୍ଶ ଦିଆଯାଇଥିଲା । ଫଳକରେ ଜିଏସ୍‌ଟିଆଇନ ଲେଖିବା ପାଇଁ ଅନୁରୋଧ କରାଯାଇଥିଲା । ଏହି ବୈଠକରେ ସହରର ବିଶିଷ୍ଟ ବ୍ୟବସାୟୀ ଅଶୋକ ଜୈନ, ନରିନ କୁମୁନ୍ଦନ, ସୁରେନ୍ଦ୍ର ପ୍ରସାଦ ସାହୁ, ଗିଲା ଜଗନ୍ନାଥ, ଲଡୁ ସାହୁ ପ୍ରମୁଖ ଯୋଗ ଦେଇଥିଲେ। ଶେଷରେ ଅତିରିକ୍ତ ବାଣିଜ୍ୟକର ଏବଂ ସେବାକର ଅଧିକାରୀ ରମେଶ ଟାକ୍ରି ଯୋଗ ଦେଇଥିଲେ ।



ବୈଠକରେ ଆଲୋଚନା କରାଯାଉଛି।

## ଶାଗୁଆନ ଜଙ୍ଗଲରେ କାଙ୍କୁଡିଆ ପୋକ

**ରାମନାଗୁଡା,୨୧୯(ଡି.ଏନ୍.ଏ.)**

ରାୟଗଡ଼ା ଜିଲା ରାମନାଗୁଡା ବ୍ଲକର ବିଭିନ୍ନ ସଂରକ୍ଷିତ ଜଙ୍ଗଲରେ ଥିବା ଶାଗୁଆନ୍ ଗଛରେ ଏବେ କାଙ୍କୁଡିଆ ପୋକ ଲାଗିଛି। ଫଳରେ ଗଛରେ ଏବେ ଆଉ ପତ୍ର ରହୁନି। ଉକ୍ତ ପୋକ ଗଛର ପତ୍ରକୁ ଖାଉଥିବାରୁ ସେ ସବୁ ପତ୍ରଝଡା ଦେଉଛନ୍ତି। ପ୍ରଥମେ ଏହି ଗଛର ପତ୍ର ଈଷତ୍ ଲାଲରଙ୍ଗ ରହୁଛି ପରେ ସବୁ ଝଡ଼ି ଯାଉଛି।

ଜଙ୍ଗଲର ଶାଗୁଆନ୍ ବ୍ୟତୀତ ଅନ୍ୟ କୌଣସି ଗଛରେ ଏହି ପୋକ ଲାଗୁ ନାହିଁ। କାଙ୍ଗୁଡିଆ ପୋକ ମୁଖ୍ୟତଃ ଶାଗୁଆନ ଗଛର ପତ୍ରକୁ ଆକର୍ଷିତ ହୋଇ ଆସିଥାନ୍ତି। ଏମାନେ ପତ୍ରର ସବୁଜ ଅଂଶକୁ ଖାଇଦେବା ଫଳରେ ପତ୍ରଗୁଡିକ ଲାଲ ରଙ୍ଗର ହୋଇଯାନ୍ତି। ପରେ ଦୁର୍ବଳ ହୋଇ ଝଡ଼ିପଡେ। ଉଦ୍ୟାନବିତ ନିରଞ୍ଜନ ଦ୍ୱିବେଦୀ କହିଛନ୍ତି ଯେ, ବର୍ଷା ହେଲେ ଶାଗୁଆନ୍ ଗଛ ପତ୍ର ପୁଣି କଅଁଳି ଉଠିବ। ଫରେଷ୍ଟର ଦିଲୀପ ମହାପାତ୍ର କହିଛନ୍ତି ଯେ, ସେ , ସମସ୍ୟା ସମ୍ପର୍କରେ ଅବଗତ ଅଛନ୍ତି, କିନ୍ତୁ ବିସ୍ତୀର୍ଣ୍ଣ ଜଙ୍ଗଲରେ ଏହାର ପ୍ରତିକାର ସମ୍ଭବ ନୁହେଁ। ପ୍ରତିବର୍ଷ ଏହି ସମୟରେ ଗଛଗୁଡିକୁ କାଙ୍କୁଡିଆ ପୋକ ଲାଗନ୍ତି। କିନ୍ତୁ ଚଳିତବର୍ଷ ଏହାର ପରିମାଣ ଖୁବ୍ ଅଧିକ ହୋଇଛି।



ବାଙ୍ଗି ଛକ ସଂରକ୍ଷିତ ଶାଗୁଆନ୍ ଜଙ୍ଗଲର ଅବସ୍ଥା।



ରୋଗ, ଶତ୍ରୁ ଓ ଋଣ, ଏମାନଙ୍କୁ ସବୁବେଳେ ଶେଷ କରିବାକୁ ଚେଷ୍ଟା କରିବା।
ପାପ, ହିଂସ୍ର ପ୍ରାଣୀ ଓ ହିଂସ୍ର ମନୁଷ୍ୟଙ୍କଠାରୁ ସର୍ବଦା ଦୂରରେ ରହିବା।
- ଶ୍ରୀଚୈତନ୍ୟ



## ସଂକ୍ଷେପରେ



### ଆମ ପୋଲିସ ସମିତି ବୈଠକ ଅନୁଷ୍ଠିତ

**ଦାମନଯୋଡ଼ି,୨୧୯(ଡି.ଏନ୍.ଏ.):** ଦାମନଯୋଡ଼ି ଥାନା ପକ୍ଷରୁ ଆମ ପୋଲିସ ସମିତି ବୈଠକ ଥାନା ପରିସରରେ ଅନୁଷ୍ଠିତ ହୋଇଯାଇଛି। ଥାନା ଅଧିକାରୀ ସହଦେବ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ସବ-ଇନସ୍ପେକ୍ଟର ଦୁର୍ଗା ମାଧବ, ଏଏସ୍ଆଇ ସନ୍ତୋଷ ପରିଡ଼ା, ଜୁତିକା ହାବିଲ୍‌ଦାର ପ୍ରମୁଖ ଉପସ୍ଥିତ ଥିଲେ। ଏଥିରେ ଟ୍ରାଫିକ୍ ସମସ୍ୟା, ଅନ୍ଧବିଶ୍ୱାସ ବିରୋଧରେ ସଚେତନତା, ଭଡ଼ାଘରେ ରହୁଥିବା ବ୍ୟକ୍ତିଙ୍କ ତଥ୍ୟ, ଦାଦନ ଶ୍ରମିକ, ଅର୍ଥ ଠକେଇ ଆଦି ସମ୍ପର୍କରେ ଆଲୋଚନା ହୋଇଛି। ଅନ୍ୟମାନଙ୍କ ମଧ୍ୟରେ କନଷ୍ଟେବଳ ମିନି ମହାକୁଡ଼ଙ୍କ ସମେତ ବାବୁଲି ସ୍ୱାଇଁ, ଚୈତନ୍ୟ ସାହୁ, ନରସିଂହ ବ୍ରହ୍ମା, ବିଜୟ ଆଚାର୍ଯ୍ୟ, କେ. ସରସ୍ୱତୀ ପଟ୍ଟନାୟକ, ମାନସ ରଞ୍ଜନ କର ପ୍ରମୁଖ ଉପସ୍ଥିତ ଥିଲେ।

### ୧୦ରେ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର



**କୁନ୍ଦୁରା,୨୧୯(ଡି.ଏନ୍.ଏ.):** କୁନ୍ଦୁରା ବ୍ଲକସ୍ଥିତ ବୈଠକ ଗୃହରେ ଶନିବାର ଗୋଷ୍ଠୀ ଉନ୍ନୟନ ଅଧିକାରୀ ଶ୍ୱେତସ୍ମିତା ପ୍ରଧାନଙ୍କ ଅଧ୍ୟକ୍ଷତାରେ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଆୟୋଜନ ପାଇଁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ଆସନ୍ତା ୧୦ରେ ବ୍ଲକ୍ ସଦର ମହକୁମା ପରିସରରେ ଏହି ଶିବିର ଅନୁଷ୍ଠିତ ହେବ। ଶିବିରର କେଉଁ ଦାୟିତ୍ୱ କାହାକୁ ଦିଆଯିବ ସେ ନେଇ ବୈଠକରେ ଆଲୋଚନା ହୋଇଛି। ପ୍ରତିଥର ଭଳି ଚଳିତ ବର୍ଷ ମଧ ଗ୍ରାମପଞ୍ଚାୟତ ନିର୍ବାହୀ ଅଧିକାରୀମାନେ ନିଜ ନିଜ ଅଞ୍ଚଳରୁ ଆଣି ଦିବ୍ୟାଙ୍ଗମାନଙ୍କୁ ଶିବିରରେ ପହଞ୍ଚାଇବା ପାଇଁ ବିଡିଓଙ୍କ ନିର୍ଦ୍ଦେଶ ରହିଛି। ସମସ୍ତ ସ୍କୁଲ ଏବଂ କଲେଜ କର୍ତ୍ତୃପକ୍ଷଙ୍କୁ ସେମାନଙ୍କ ଦିବ୍ୟାଙ୍ଗ ପିଲାମାନଙ୍କୁ ଶିବିରକୁ ଆଣିବା ପାଇଁ ନିର୍ଦ୍ଦେଶ ରହିଛି। କିନ୍ତୁ ଏବେ ବର୍ଷା ଲାଗି ରହିଥିବାରୁ ୧୦ରେ ଶିବିର ଆୟୋଜନ କରାଯିବା ନିଷ୍ପତ୍ତିକୁ ଅନେକ ନାପସନ୍ଦ କରିଛନ୍ତି। ବୈଠକରେ ବ୍ଲକ୍ ସାମାଜିକ ସୁରକ୍ଷା ଅଧିକାରୀ ସୁମିତ୍ରା ଖରା, ଏବିଡିଓ ମାଧୁରୀ ଆଚାର୍ଯ୍ୟ, ପିଇଓ ଅଲେଖ ଚନ୍ଦ୍ର ପାଳ, ଆଇସିଡିଏସ୍ ସୁପରଭାଇଜର ସୀତା କୁମାରୀ, ବି. ବେବର୍ତ୍ତା ଏବଂ ବସନ୍ତ ଭୋଳ ପ୍ରମୁଖ ଉପସ୍ଥିତ ଥିଲେ।

### ଅରବିନ୍ଦ ମହିଳା ପାଠଚକ୍ର



**ଜୟପୁର,୨୧୯(ଡି.ଏନ୍.ଏ.):** ଜୟପୁର ଇରିଗେସନ କଲୋନୀସ୍ଥିତ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର ଜୟପୁର ସମର୍ପଣ ମଣ୍ଡଳ ସ୍ତରୀୟ ମହିଳା ପାଠଚକ୍ର ରବିବାର ଅନୁଷ୍ଠିତ ହୋଇଛି। ଏଥିରେ କଟକ ତାଳିଯୋଡା ଆଶ୍ରମର ପ୍ରଭାତ କୁମାର ନାୟକ ଯୋଗଦେଇ କର୍ମ ହିଁ ଶରୀରର ପ୍ରାର୍ଥନା ବୋଲି ବକ୍ତବ୍ୟରେ କହିଥିଲେ। କେନ୍ଦ୍ରାପଡ଼ା ପାଠଚକ୍ରର ମହିଳା ଶାଖାର ସଦସ୍ୟା ଉର୍ମିଳା ରାଉତ ନିଜ ବକ୍ତବ୍ୟରେ ଦିବ୍ୟପ୍ରେମ ଓ ଦିବ୍ୟ ପରିବାର ଉପରେ ଆଲୋକପାତ କରିବା ସହିତ ଗୃହକୁ ମହିଳାମାନେ ଏହାକୁ ଠିକ ରୂପେ ସଂପାଦିତ କରିପାରିଲେ ଗୃହର ଶାନ୍ତି ଓ ସୌହାର୍ଦ୍ଦ୍ୟ ବୃଦ୍ଧି ହେବ ବୋଲି କହିଥିଲେ। ବ୍ରହ୍ମପୁର ଦ ମଦର ଇଣ୍ଟରନ୍ୟାସନାଲ କଲେଜର ସମ୍ପାଦିକା ଇଂ. କମଳ କୁମାର ଦେଓ ଯୋଗଦେଇ ନାମଜପ ଉପରେ ନିଜ ବକ୍ତବ୍ୟ ପ୍ରଦାନ କରିଥିଲେ। ପୂର୍ବାହ୍ନରେ ସମବେତ ଧ୍ୟାନ, ମାର୍ଚ୍ଚପାଷ୍ଟ, ଧୂପ, ପୁଷ୍ପ ଓ ପାଠଚକ୍ର ଅନୁଷ୍ଠିତ ହୋଇଥିଲା। ଏହାପରେ ଜଳ ଯୋଗ ଓ ବିଭିନ୍ନ ବିଷୟରେ ଆଲୋଚନା ହୋଇଥିଲା। ଏଥିରେ ଜୟପୁର, ବୋରିଗୁମ୍ମା, ନବରଙ୍ଗପୁର ଅଞ୍ଚଳର ମହିଳାମାନେ ଯୋଗ ଦେଇଥିଲେ।

# ବର୍ଷେ ନ ପୂରୁଣୁ ଭୁଶୁଡ଼ିଲା ଗାର୍ଡ଼ୱାଲ

## ଖର୍ଚ୍ଚ ହୋଇଥିଲା ୮ ଲକ୍ଷ ଟଙ୍କା

ବୈପାରୀଗୁଡ଼ା,୨୧୯(ଡି.ଏନ୍.ଏ.)

ବୈପାରୀଗୁଡ଼ା ବ୍ଲକରେ ବିଭିନ୍ନ ଉନ୍ନୟନ କାମରେ ବ୍ୟାପକ ହରିଲୁଟ ସହ କାର୍ଯ୍ୟ ନିମ୍ନମାନର ହେଉଥିବା ଅଭିଯୋଗ ଆସୁଛି। ଏହି କ୍ରମରେ ୮ ଲକ୍ଷ ଟଙ୍କାରେ ନିର୍ମିତ ଗାର୍ଡ ୱାଲ ବର୍ଷେ ନ ପୂରୁଣୁ ଭୁଶୁଡ଼ିପଡ଼ିବା ଘଟଣା ଏବେ ସାମ୍ନାକୁ ଆସିଛି। ବ୍ଲକର ଦୋରାଗୁଡା ଓ ମାଝିଗୁଡା ରାସ୍ତାରେ ୨୦୧୬-୧୭ ଆର୍ଥିକ ବର୍ଷରେ ଏମ୍‌ଜିଏନ୍‌ଆରଇଜିଏସ୍ ପାଣ୍ଠିରୁ ରାସ୍ତାପାର୍ଶ୍ୱରେ ଏକ ଗାର୍ଡ଼ୱାଲ କାମ ହୋଇଥିଲା । ବର୍ଷାରେ ରାସ୍ତା ଧୋଇ ନଯିବା ପାଇଁ ପ୍ରାୟ ୨ ଶହ ମିଟରର ଏହି ଗାର୍ଡ଼ୱାଲ କରାଯାଇଥିଲା । ଏହି କାମ ୨୦୧୭ରେ ସଂପୂର୍ଣ୍ଣ ହୋଇଥିଲା । ନିୟମ ଅନୁସାରେ କୌଣସି ଉନ୍ନୟନ କାମରେ ପାଣ୍ଠିର ନାମ, ଅନୁଦାନ ରାଶି, ଯୋଜନା କାର୍ଯ୍ୟକାରୀ ହେବାର ବର୍ଷ ଉଲ୍ଲେଖ ରହିବା କଥା। କିନ୍ତୁ ସିମେଣ୍ଟରେ କେବଳ ଫଳକ ତିଆରି ହୋଇଥିବା ବେଳେ ଏସବୁ କୌଣସି ତଥ୍ୟ ସେଥିରେ ଉଲ୍ଲେଖ ନାହିଁ। ଗ୍ରାମବାସୀଙ୍କ ଅଭିଯୋଗ ଏହାର କାର୍ଯ୍ୟାଦେଶ ବ୍ଲକର ଜଣେ ଯନ୍ତ୍ରୀଙ୍କ ନାମରେ ଥିବାବେଳେ କେତେକ ଠିକାଦାର ପରୋକ୍ଷରେ ଏହାକୁ ତୁଲାଉଥିଲେ। ୱାଲ ନିର୍ମାଣ ବେଳେ ଠିକ୍ ଭାବେ ପ୍ଲାଷ୍ଟର ହୋଇନଥିବା ବେଳେ କେବଳ ଇଟା ଉପରେ ଇଟା ରଖାଯାଇଥିଲା । ଚଳିତ ବର୍ଷର ପ୍ରଥମ ବର୍ଷାରେ ପ୍ରାୟ ୩୦ ଫୁଟ ୱାଲ୍ ଭୁଶୁଡ଼ି ପଡ଼ିବାରୁ ରାସ୍ତା ଖାଇଯିବା ସହ ଚାଷଜମି ନଷ୍ଟ ହେଲାଣି । ଏହି କାମ ନିର୍ମାଣ ଦାୟିତ୍ୱରେ ଥିବା କନିଷ୍ଠ ଯନ୍ତ୍ରୀ ଅନ୍ୟ ବ୍ଲକକୁ ବଦଳି ହୋଇ ଚାଲି ଯାଇଥିବା ବେଳେ ତତ୍କାଳୀନ ସହକାରୀ ଯନ୍ତ୍ରୀ ଅବସର ନେଇସାରିଛନ୍ତି। ଏ ସଂପର୍କରେ ବର୍ତ୍ତମାନର କନିଷ୍ଠ ଯନ୍ତ୍ରୀ ବିନୟ କୁମାର ତିରିଆଙ୍କ ସହ ଯୋଗାଯୋଗ କରିବାରୁ ଉକ୍ତ କାମ ତାଙ୍କ ସମୟର ନୁହେଁ ବୋଲି କହିଥିଲେ।



ଭାଙ୍ଗି ଯାଇଥିବା ଗାର୍ଡ଼ୱାଲ।

# ପକ୍କା ରାସ୍ତା ନ ହେଲେ ପିଲାଙ୍କୁ ସ୍କୁଲ ଛାଡ଼ିବୁନି

## ଅଭିଭାବକ ଦେଲେ ଚେତାବନୀ



କାଦୁଅ ରାସ୍ତାରେ ପିଲାମାନେ ସ୍କୁଲ ଯାଉଛନ୍ତି।

ଦଶମନ୍ତପୁର,୨୧୯(ଡି.ଏନ୍.ଏ.)

ଗାଁକୁ ଖଣ୍ଡିଏ ପକ୍କା ରାସ୍ତା ନାହିଁ। ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡ଼କ ଯୋଜନାରେ ନିର୍ମିତ ରାସ୍ତା କୋରାପୁଟ ଜିଲାର ଦଶମନ୍ତପୁର ବ୍ଲକ ଅଧୀନ ପରଜା ବେଡ଼ାପଦର ଗ୍ରାମ ପଞ୍ଚାୟତର ଭଞ୍ଜାଗୁଡା ଗ୍ରାମ ପାଇଁ ଏକ ପ୍ରକାର ସ୍ୱପ୍ନ। ଏହି ଗ୍ରାମରେ ୨୫୦ ଜଣ ବସବାସ କରି ଆସୁଥିଲେ ହେଁ ଗ୍ରାମକୁ ଆଜିଯାଏ ପକ୍କା ରାସ୍ତା ନାହିଁ। ପିଲାମାନେ ପଢ଼ିବା ଲାଗି ଖାଲଖମା ଏବଂ କାଦୁଅ ରାସ୍ତା ଦେଇ ପ୍ରତ୍ୟେକ ଦିନ ବିଦ୍ୟାଳୟକୁ ଯାଉଛନ୍ତି। ଏହି ଗ୍ରାମର ନୂତନ ଉଚ୍ଚ ପ୍ରାଥମିକ ବିଦ୍ୟାଳୟକୁ ଡାଲିଗୁଡା, ଠେଲଗୁଡା, ଭଙ୍ଗାଗୁଡା ଏବଂ ସାନଭଞ୍ଜାଗୁଡା ଏପରି ୪ ଗ୍ରାମର ୬୦ ଜଣ ପିଲା ଆସିଥାନ୍ତି । ତେବେ ପିଲାଙ୍କ ଯିବାଆସିବା ଦେଖିଲେ ଭୟ ଲାଗୁଥିବା ଅଭିଭାବକମାନେ କହିଛନ୍ତି। ବର୍ଷା ଦିନରେ ଏହି ରାସ୍ତା ଦେଇ ଯାତାୟାତ କରିବା ଏକପ୍ରକାର କଷ୍ଟକର ହୋଇପଡୁଛି । କାଦୁଅପୂର୍ଣ୍ଣ ରାସ୍ତାରେ ବାଧ୍ୟହୋଇ ପିଲାମାନେ ଯାଇଥାଆନ୍ତି। ଅଧିକ ବର୍ଷା ହେଲେ ପିଲାମାନେ ବିଦ୍ୟାଳୟକୁ ଯାଉ ନ ଥିବା ଜଣାପଡ଼ିଛି। ପ୍ରତ୍ୟେକ ଦିନ କେହି ନା କେହି କାଦୁଅରେ ପଡୁଛନ୍ତି। କାଦୁଅ ରାସ୍ତାଯୋଗୁ ପ୍ରାୟତଃ ପିଲାଙ୍କୁ ସ୍କୁଲକୁ ଯିବା ପାଇଁ ମନା କରିଥାଉ ବୋଲି ଅଭିଭାବକ ଧବଳେଶ୍ୱର ଦଳପତି, ଚିଙ୍ଗୁଡୁ ନାୟକ, ନିରଞ୍ଜନ ଦଳପତି, ବୁଟି ପ୍ରଧାନୀ, କାର୍ତ୍ତିକ ମୁଦୁଲି, ହେଡୁ ଜାନୀ ପ୍ରମୁଖ କହିଛନ୍ତି। ପକ୍କା ରାସ୍ତା ନିର୍ମାଣ ନ କଲେ ଆମେ ପିଲାଙ୍କୁ ବିଦ୍ୟାଳୟକୁ ଛାଡିବୁ ନାହିଁ ବୋଲି କହିବା ସହ ପିଲାଙ୍କୁ ନେଇ ବ୍ଲକ କାର୍ଯ୍ୟାଳୟରେ ଧାରଣା ଦେବୁ ବୋଲି ଚେତାବନୀ ଦେଇଥିବା ଜଣାପଡିଛି। ଏ ସମ୍ପର୍କରେ ବିଡିଓ ସୁକାନ୍ତ ମାଝିଙ୍କୁ ପଚାରିବାରୁ , ଅନୁଧ୍ୟାନ ପରେ ପଦକ୍ଷେପ ନେବେ ବୋଲି କହିଛନ୍ତି।

### ସ୍ୱଚ୍ଛତା ପାଇଁ ଶପଥ ନେଲେ ଛାତ୍ରୀଛାତ୍ର

ଦଶମନ୍ତପୁର,୨୧୯(ଡି.ଏନ୍.ଏ.)

ଦଶମନ୍ତପୁର ବ୍ଲକ୍ ବାଣ୍ଡୁଆଗୁଡ଼ା ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ସ୍ୱଚ୍ଛତା ଶପଥପାଠ କରାଯାଇଛି। ପ୍ରଧାନ ଶିକ୍ଷକ ଗୋବିନ୍ଦ ଚନ୍ଦ୍ର ଗରଡ଼ାଙ୍କ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ଶିକ୍ଷୟିତ୍ରୀ ମଧୁସ୍ମିତା ମାଣ୍ଡାଙ୍ଗି, ଉର୍ମିଳା ଜେନାଙ୍କ ସହିତ ୨୬୦ ଜଣ ବିଦ୍ୟାର୍ଥୀ ଉପସ୍ଥିତ ଥିଲେ। ତର୍କ, ଚିତ୍ରାଙ୍କନ, ସଙ୍ଗୀତ, ପ୍ରବନ୍ଧ, ବାର୍ତ୍ତା ଲିଖନ, ସାଧାରଣ ବିଜ୍ଞାନ, କୁଇଜ୍ ପ୍ରତିଯୋଗିତା ମାଧ୍ୟମରେ ପିଲାଙ୍କ ମଧ୍ୟରେ ସ୍ୱଚ୍ଛତା ବାର୍ତ୍ତା ବାଣ୍ଟିବା ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ। ପରିବେଶକୁ ସ୍ୱଚ୍ଛ ଏବଂ ସୁନ୍ଦର ରଖିବା ପାଇଁ ବିଦ୍ୟାର୍ଥୀ,ଶିକ୍ଷୟିତ୍ରୀ ଏବଂ ଶିକ୍ଷକମାନେ ସ୍ୱଚ୍ଛତା ଶପଥପାଠ କରିଥିଲେ। ସେହିପରି ଟିକାମ୍ବ ପଞ୍ଚାୟତ ଅଧୀନ ଡୋକାମରା ପ୍ରାଥମିକ ବିଦ୍ୟାଳୟରେ ପ୍ରଧାନ ଶିକ୍ଷକ ତପନ କୁମାର ହିଆଲଙ୍କ ନେତୃତ୍ୱରେ ମଧ ସଦୃଶ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି।

# ଭୂତଳ ଜଳ ସମସ୍ୟା, ପରିଚାଳନା କର୍ମଶାଳା

କୋରାପୁଟ,୨୧୯(ସ୍ୱ.ପ୍ର.)

କୋରାପୁଟ ସରକାରୀ ମହାବିଦ୍ୟାଳୟ 'ଭୂତଳ ଜଳ ସମସ୍ୟା ଓ ପରିଚାଳନା' ଶୀର୍ଷକ ଦିନିକିଆ କର୍ମଶାଳା ଅନୁଷ୍ଠିତ ହୋଇଛି । କେନ୍ଦ୍ରୀୟ ଭୂତଳ ଜଳ ବୋର୍ଡ ପକ୍ଷରୁ ଆୟୋଜିତ ଏହି କର୍ମଶାଳାରେ ମହାବିଦ୍ୟାଳୟ ଅଧ୍ୟକ୍ଷ ଏସ୍.ଏସ୍. ପାଢ଼ୀ ଅଧ୍ୟକ୍ଷତା କରିଥିଲେ। ବୈଜ୍ଞାନିକ ଏସ୍.ସି. ବେହେରା, ଜି. ପ୍ରସାଦ, ଉତ୍ପଳ ଗୋଗୋଇ ଅତିଥି ଭାବେ ଯୋଗଦେଇ ସମସ୍ୟାର କାରଣ ଓ ତାର ପ୍ରତିକାର ବ୍ୟବସ୍ଥା ଉପରେ ଆଲୋକପାତ କରିଥିଲେ । କର୍ମଶାଳାରେ ବୈଜ୍ଞାନିକ ଡି.ଏନ୍. ମଣ୍ଡଳ, ବି.ବି. ସାହୁ, ଜି. ପ୍ରସାଦ ସମସ୍ତ ଓସ୍ଥାନୀୟତା ଭିତ୍ତିରେ ସମସ୍ୟାର ପରିଚାଳନା ପ୍ରସଙ୍ଗ ଆଲୋଚନା କରିଥିଲେ। ଅଧ୍ୟାପକ ଏସ୍.କେ. ଗଡ଼ନାୟକ କାର୍ଯ୍ୟକ୍ରମ ପରିଚାଳନା ଏବଂ ଅଧ୍ୟାପକ ଦିପକ ପଟ୍ଟନାୟକ, ସତୀଶ ସାମନ୍ତରାୟ, କେ. ଲାକ୍ରା, ବି. ପ୍ରଧାନ, ପ୍ରକାଶ ପ୍ରଧାନ ସହଯୋଗ କରିଥିଲେ।




ଆଲୋଚନାଚକ୍ରରେ ଯୋଗଦେଇଥିବା ଅତିଥିମାନେ।

### ଚିଠା ଭୋଟର ତାଲିକା ପ୍ରକାଶ

କୋରାପୁଟ,୧୧୯(ସ୍ୱ.ପ୍ର.)

କୋରାପୁଟ ଜିଲା ପ୍ରଶାସନ ଶନିବାର ଚିଠା ଭୋଟର ତାଲିକା ପ୍ରକାଶ କରିଛି। ଉପଜିଲାପାଳ ଲଳିତ କଅଁରଙ୍କ ଉପସ୍ଥିତିରେ ସହକାରୀ ଜିଲାପାଳ ଆଲୋକ ଅନୁଗୁଳିଆ ଏହି ତାଲିକା ପ୍ରକାଶ କରିଛନ୍ତି। ଏହି ଅବସରରେ ବିଜେଡିର ସୀମାଞ୍ଚଳ ପଟ୍ଟନାୟକ, ଭାଜପାର ଅଶ୍ୱିନୀ ପଟ୍ଟନାୟକ, ଆମ୍ବେଡକର ପାର୍ଟିର ଗଙ୍ଗାଧର ସଗର, ଗଣମାଧ୍ୟମ ପ୍ରତିନିଧି ଅମିତାଭ ବେହେରା, ଘନଶ୍ୟାମ ରଥ ଉପସ୍ଥିତ ଥିଲେ । ଭୋଟର ତାଲିକା ସଂଶୋଧନ ପାଇଁ ଅକ୍ଟୋବର ୩୧ ପର୍ଯ୍ୟନ୍ତ ଫର୍ମ ଦାଖଲ କରାଯାଇ ପାରିବ।

ଆସନ୍ତୁ ଓଡ଼ିଶାକୁ ପ୍ଲାଷ୍ଟିକ୍ ମୁକ୍ତ କରିବା

ଏହିଭଳି ଆଙ୍ଗୁଳି ମୁଦ୍ରାରେ ନିଜର ଫଟୋ/ ସେଲ୍‌ଫି ଉଠାଇ rgdselfie@gmail.com ରେ ଆମର ସେଲ୍‌ଫି କର୍ନରକୁ ପଠାନ୍ତୁ। ଏଥିସହ ଫଟୋକୁ ହ୍ୟାସ୍‌ଟ୍ୟାଗ୍ #PlasticFreeOdisha ଲଗାଇ @DharitriNews କୁ ଟ୍ୟାଗ୍ କରି ଆପଣଙ୍କର ସୋସିଆଲ ମିଡିଆ ପ୍ରୋଫାଇଲରେ ଶେୟାର କରନ୍ତୁ। ଆମ ଫେସ୍‌ବୁକ ପେଜ Dharitriକୁ ଲାଇକ୍ କରି ଏହି ବିପ୍ଳବରେ ସାମିଲ ହୁଅନ୍ତୁ।



## ସେଲ୍‌ଫି କର୍ନର



@ ରିନ୍ତୁ



@ ରାଜ



@ ମଣ୍ଟୁ



@ ପ୍ରଦୋଷ



@ ରଘୁନାଥ



@ ସାହିଲ

ସେଲ୍‌ଫି ଉଠାନ୍ତୁ ଆମପାଖକୁ ପଠାନ୍ତୁ | rgdselfie@gmail.com (ନିର୍ବାଚିତ ସେଲ୍‌ଫି ପ୍ରକାଶ ପାଇବ)

# ଡାକ୍ତରୀ ଗୁଣାତ୍ମକ ଶିକ୍ଷା କର୍ମଶାଳା

କୋରାପୁଟ,୨୧୯(ସ୍ୱ.ପ୍ର.)

କୋରାପୁଟସ୍ଥିତ ଶହୀଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜ ସମ୍ମିଳନୀ କକ୍ଷରେ ଡାକ୍ତରୀ ଗୁଣାତ୍ମକ ଶିକ୍ଷା ସମ୍ବନ୍ଧୀୟ କର୍ମଶାଳା ଶନିବାର ଉଦ୍‌ଯାପିତ ହୋଇଛି। ମେଡିକାଲ କଲେଜ ଡିନ ପ୍ରଫେସର କୃଷ୍ଣଚନ୍ଦ୍ର ବିଶ୍ୱାଳ ଏହାର ଶୁଭାରମ୍ଭ କରିଥିଲେ। ୪ ଦିନ ଧରି ଚାଲିଥିବା ଏହି କର୍ମଶାଳାରେ ଏମ୍‌ସିଆଇ ପର୍ଯ୍ୟବେକ୍ଷକ ଡାକ୍ତର ଶ୍ରୀକାନ୍ତ ପଣ୍ଡା, କଲେଜ ଅଧୀକ୍ଷକ ପ୍ରଫେସର କ୍ଷେତ୍ରବାସୀ ସୁବୁଦ୍ଧି, ସଂଯୋଜକ ପ୍ରଫେସର ଡାକ୍ତର କୌଶିକ ମିଶ୍ର ଯୋଗ ଦେଇଥିଲେ। ପ୍ରଶିକ୍ଷକ ଭାବେ ପ୍ରଫେସର ସ୍ୱୟଂପ୍ରଭା ପ୍ରଧାନ, ଡାକ୍ତର ରୋଜା ରମଣି, ଡାକ୍ତର ଶୋଭା ମାଳିନୀ, ଡାକ୍ତର ରମେଶ ବିଶ୍ୱାଳ, ଡାକ୍ତର ସଂଜିବ ସୂପକାର, ସସ୍ମିତା ବେହୁରିଆ, ପ୍ରଫେସର କୌଶିକ ମିଶ୍ର, ଡାକ୍ତର ଲଳିତ ମୋହନ ସିକା, ଡାକ୍ତର ଭବାନି ପଟ୍ଟନାୟକ ଡାକ୍ତରୀ ଛାତ୍ରଙ୍କୁ ଗୁଣାତ୍ମକ ଶିକ୍ଷା ନେଇ ତାଲିମ ଦେଇଥିଲେ।



କର୍ମଶାଳାରେ ଯୋଗଦେଇଥିବା ସ୍ୱାସ୍ଥ୍ୟ ବିଭାଗର ଅଧିକାରୀ ଓ ଡାକ୍ତରୀ ଛାତ୍ରଛାତ୍ରୀ।

# ଡାକ ପେମେଣ୍ଟ ବ୍ୟାଙ୍କର ଶୁଭାରମ୍ଭ



ସେମିଳିଗୁଡାରେ ଆଇପିପିବିର ଶୁଭାରମ୍ଭ କାର୍ଯ୍ୟକ୍ରମରେ ଅତିଥିମାନେ।



ଜୟପୁର କାର୍ଯ୍ୟକ୍ରମରେ ଲୋକପ୍ରତିନିଧି ଓ ଅନ୍ୟମାନେ।

ଜୟପୁର/ସେମିଳିଗୁଡ଼ା, ୨୧୯(ଡି.ଏନ୍.ଏ./ନି.ପ୍ର./ସ୍ୱ.ପ୍ର.)

କୋରାପୁଟ ଡିଭିଜନ ଜୟପୁର ଶାଖା ପକ୍ଷରୁ ଶନିବାର ଭାରତୀୟ ଡାକ ପେମେଣ୍ଟ ବ୍ୟାଙ୍କ ଶୁଭାରମ୍ଭ ହୋଇଛି। ସ୍ଥାନୀୟ ସାନ୍ଧ୍ୟ ଫଙ୍କସନ ହଲରେ ସୁପରିଣ୍ଟେଣ୍ଡେଣ୍ଟ ସୁରେନ୍ଦ୍ରନାଥ ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବିଧାୟକ ତାରାପ୍ରସାଦ ବାହିନୀପତି ଓ ସମ୍ମାନିତ ଅତିଥି ଭାବେ ପୂର୍ବତନ ଏମ୍‌ପି ଜୟରାମ ପାଙ୍ଗି ଯୋଗ ଦେଇଥିଲେ। ଡାକ ବିଭାଗ ଉପରେ ସାଧାରଣ ଲୋକଙ୍କ ବିଶ୍ୱାସ ଓ ଭରସା ରହିଥିବା ଯୋଗୁଁ ଏହାର ବ୍ୟାଙ୍କ ପେମେଣ୍ଟ ଯୋଜନା ସଫଳତା ପାଇବ ବୋଲି ଆଶା କରାଯାଉଛି। ଏହି ଯୋଜନା ଦ୍ୱାରା ସହରାଞ୍ଚଳ ସମେତ ଗ୍ରାମାଞ୍ଚଳର ସାଧାରଣ ଲୋକ ସୁବିଧା ପାଇପାରିବେ ବୋଲି ଅତିଥିମାନେ ନିଜ ବକ୍ତବ୍ୟରେ କହିଥିଲେ । ଏହାଦ୍ୱାରା ସମସ୍ତ ସରକାରୀ ଓ ବେସରକାରୀ ବିଲ ଏବଂ ସାମଗ୍ରୀ କ୍ରୟର ଟଙ୍କା କ୍ୟାଶଲେସ ପୈଠ ହୋଇପାରିବ ବୋଲି ଯୋଜନାର ବରିଷ୍ଠ ମ୍ୟାନେଜର ଜ୍ୟୋତି ପ୍ରକାଶ ଭୋଇ କହିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ପଦ୍ମଶ୍ରୀ ଗୋବର୍ଦ୍ଧନ ପାନିକା, ସହକାରୀ ସୁପରିଣ୍ଟେଣ୍ଡେଣ୍ଟ ଦେବବ୍ରତ ଜେନା ଉପସ୍ଥିତ ଥିଲେ। ସେହିପରି ସେମିଳିଗୁଡ଼ା ବ୍ଲକ୍ ସମ୍ମିଳନୀ କକ୍ଷରେ ଭିଡ଼ିଓ କନ୍‌ଫେରେନ୍ସିଂ ମାଧ୍ୟମରେ ଇଣ୍ଡିଆନ୍ ପୋଷ୍ଟ ପେମେଣ୍ଟସ୍ ବ୍ୟାଙ୍କ୍ (ଆଇପିପିବି)ର ଶୁଭ ଉଦ୍‌ଘାଟନ କରାଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ପଟ୍ଟାଙ୍ଗି ବିଧାୟକ ପ୍ରଫୁଲ୍ଲ ପାଙ୍ଗୀ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ବ୍ଲକ୍ ଅଧ୍ୟକ୍ଷ ଦିନେଶ ଖରା, କୋରାପୁଟ ଜିଲା ଭାଜପାର ଜୟରାମ ଗରଡ଼ା, ଆଇପିପିବି ଆସିଷ୍ଟାଣ୍ଟ ମ୍ୟାନେଜର ସୌମ୍ୟା ମହାପାତ୍ର, ସବ୍ ପୋଷ୍ଟମାଷ୍ଟର ଶ୍ରୀଧର ପ୍ରଧାନ, ସୁରେଶ ପଟ୍ଟନାୟକ, କୈଳାସ ରାଉତ, ପ୍ରଫୁଲ୍ଲ ନାୟକ, ଏସ୍.କେ. ପଟ୍ଟନାୟକ, କୃଷ୍ଣ ସିଂହ ଅତିଥି ଭାବେ ଯୋଗ ଦେଇଥିଲେ।

ଧରିତ୍ରୀ
DHARITRI
ରାୟଗଡ଼ା, ସୋମବାର, ୩ ସେପ୍ଟେମ୍ବର, ୨୦୧୮



ରାଜାଙ୍କର ପତ୍ନୀ, ଗୁରୁ ପତ୍ନୀ, ବନ୍ଧୁ ପତ୍ନୀ, ଶାଶୁ ଓ ନିଜର ମାତା ଏ ପାଞ୍ଚଜଣ ମାତୃତୁଲ୍ୟ ଅଟନ୍ତି।
- ଚାଣକ୍ୟ



## ସଂକ୍ଷେପରେ

### ଯୁବତୀଙ୍କ ଆତ୍ମହତ୍ୟା

ଝରିଗାଁ,୨।୯(ସ୍ୱ.ପ୍ର): ନବରଙ୍ଗପୁର ଜିଲା ଝରିଗାଁ ଥାନା ଅନ୍ତର୍ଗତ ଜାମୁଗୁଡା ଗ୍ରାମରେ ଜଣେ ଯୁବତୀ ନିଜ ବେକରେ ଓଢଣୀ ଲଗାଇ ଆତ୍ମହତ୍ୟା କରିଛନ୍ତି। ଏ ସମ୍ପର୍କରେ ସମ୍ପୃକ୍ତ ଯୁବତୀଙ୍କ ବାପା ଝରିଗାଁ ଥାନାରେ ଏତଲା ଦେଇଛନ୍ତି। ଖବର ପାଇ ପୋଲିସ ଘଟଣା ସ୍ଥଳେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଯୁବତୀ ଜଣକ ରାତିରେ ଖାଇ ଘରେ ଶୋଇଥିଲେ। ସକାଳେ ଜଣେ ପଡୋଶୀ ଶୌଚ କରି ଫେରୁଥିବା ସମୟରେ ମକାବାଡ ଭିତରେ ରହିଥିବା କାଜୁ ଗଛରେ ଯୁବତୀ ଜଣକ ଝୁଲନ୍ତା ଅବସ୍ଥାରେ ରହିଥିବା ଦେଖି ପରିବାର ଲୋକଙ୍କୁ ଜଣାଇଥିଲେ। ଆତ୍ମହତ୍ୟାର କାରଣ ଅତ୍ୟଧିକ ତଦନ୍ତ ପରେ ଜଣାପଡିବ ବୋଲି ପୋଲିସ ପ୍ରକାଶ କରିଛି।

### ବୁଥସ୍ତରୀୟ ଅଧିକାରୀଙ୍କ ବୈଠକ

ଡାବୁଗାଁ,୨।୯ (ଡି.ଏନ.ଏ.): ନବରଙ୍ଗପୁର ଜିଲା ଡାବୁଗାଁ ବ୍ଲକ ସମ୍ମିଳନୀ କକ୍ଷ ଠାରେ ବୁଥ ସ୍ତରୀୟ ଅଧିକାରୀ ମାନଙ୍କୁ ନେଇ ଏକ ବୈଠକ ଶନିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ବୁଥ ସ୍ତରୀୟ ଅଧିକାରୀମାନେ ପ୍ରତ୍ୟେକ ଘରକୁ ଘର ବୁଲି ତଥ୍ୟ ସଂଗ୍ରହ କରି ୬ନଂ, ୭ନଂ ଓ ୮ନଂ ଫର୍ମ ପୂରଣ କରିବେ । ଅଧିକାରୀମାନେ ଭୋଟର ତାଲିକାରେ ନୂତନ ଭୋଟରଙ୍କ ନାମ ପଞ୍ଜୀକରଣ, ମୃତ ବ୍ୟକ୍ତିର ନାମ ବାଦ ଦେବା, ଯେଉଁ ବ୍ୟକ୍ତି ଗ୍ରାମରୁ ଅନ୍ୟ ଗ୍ରାମକୁ ସ୍ଥାନାନ୍ତରଣ ହୋଇଛନ୍ତି ତାଙ୍କ ନାମ ତାଲିକାରୁ ବାଦ ଦେବା ଓ ଭୋଟର ତାଲିକାରେ ତ୍ରୁଟି ଥିଲେ ତାହା ସଂଶୋଧନ କରାଯିବା କାର୍ଯ୍ୟ ସେପ୍ଟେମ୍ବର ୧ ତାରିଖ ଠାରୁ ୩୧ ଅକ୍ଟୋବର ୨୦୧୮ ପର୍ଯ୍ୟନ୍ତ କରିବା ପାଇଁ ବୁଥସ୍ତରୀୟ ଅଧିକାରୀ ମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଡାବୁଗାଁ ବ୍ଲକରେ ମୋଟ ୫୨ଟି ବୁଥ ଥିଲା ବର୍ତ୍ତମାନ ଏଥିରେ ନୂତନ ଭାବେ ଆଉ ୨ଟି ବୁଥ ଗଠନ କରାଯାଇଛି। ଘୋଡାଖୁଣ୍ଟା ପଞ୍ଚାୟତର ଘୋଡାଖୁଣ୍ଟା ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟ ବୁଥକୁ ୨ଟି ବୁଥ ଓ ମେଦନା ପଞ୍ଚାୟତର ମେଦନା ସରକାରୀ ଉନ୍ନୀତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ବୁଥକୁ ୨ଟି ବୁଥ କରାଯାଇଛି। ଏହି ନୂତନ ୨ଟି ବୁଥ ପାଇଁ ୨ଜଣ ନୂତନ ବୁଥ ସ୍ତରୀୟ ଅଧିକାରୀଙ୍କୁ ନିଯୁକ୍ତି ଦିଆଯାଇଛି ।ବ୍ଲକର ସମସ୍ତ ଭୋଟ ଗ୍ରହଣ କେନ୍ଦ୍ରରେ ନୂତନ ଭୋଟର ତାଲିକା ପ୍ରକାଶ କରାଯାଇଛି । ଏହି ବୈଠକରେ ବିଡିଓ ଗୌରହରି ପାତ୍ର, ଗ୍ରାମପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ ମହେଶ୍ୱର ପଧାନ, ସୁପରଭାଇଜର କୃଷ୍ଣଚନ୍ଦ୍ର ପଣ୍ଡା, ରତିକାନ୍ତ ନାୟକ, ରାଇସିଂ ପୂଜାରୀ, ବିକାଶ ରଞ୍ଜନ ନିଶଙ୍କ ଓ ଧନସିଂ ତନ୍ତି ଏବଂ ବ୍ଲକ ଅଧୀନ ମୋଟ ୫୪ ଜଣ ବୁଥ ସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ ।

### ନବରଙ୍ଗପୁର କଲେଜକୁ ସରକାରୀ ମାନ୍ୟତା ଦାବି ପାଇଁ କମିଟି ଗଠନ

**ନବରଙ୍ଗପୁର,୨।୯(ବି.ପ୍ର.):** ନବରଙ୍ଗପୁର ମହାବିଦ୍ୟାଳୟକୁ ସରକାରୀ ମାନ୍ୟତା ମିଳି ପାରି ନାହିଁ। ଏଥିପାଇଁ ସହରବାସୀ ଆଗାମୀ କାର୍ଯ୍ୟପନ୍ଥା ପାଇଁ ଅଣ୍ଟା ଭିଡିଛନ୍ତି । ରବିବାର ଏହି ପ୍ରସଙ୍ଗକୁ ନେଇ ଓକିଲ ସଂଘ ସଭାପତି ନରସିଂହ ନାଥ ତ୍ରିପାଠିଙ୍କ ଆବାହକତ୍ୱରେ ସ୍ଥାନୀୟ ସୌରାସାହି କଲ୍ୟାଣ ମଣ୍ଡପଠାରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ଦଳମତ ନିର୍ବିଶେଷରେ ସମସ୍ତ ରାଜନୈତିକ ଦଳର କର୍ମକର୍ତ୍ତାଙ୍କ ସମେତ ବିଭିନ୍ନ ସଙ୍ଗଠନ, ସାମାଜିକ କର୍ମୀ, ଖବରଦାତା ଓ ମହାବିଦ୍ୟାଳୟ ଛାତ୍ରୀଛାତ୍ର, ଓ ପୁରାତନ ଛାତ୍ରୀଛାତ୍ରମାନେ ଯୋଗ ଦେଇଥିଲେ। ତ୍ରିପାଠୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବୈଠକରେ ବିଭିନ୍ନ ସଙ୍ଗଠନର କର୍ମକର୍ତ୍ତା ମାନଙ୍କ ଠାରୁ ସରକାରୀ କଲେଜ ଦାବିକୁ ନେଇ ମତଲୋଡା ଯାଇଥିଲା । ସର୍ବ ସମ୍ମତିକ୍ରମେ ନବରଙ୍ଗପୁର କଲେଜକୁ ସରକାରୀ କଲେଜ ଘୋଷଣା ଦାବି କରିବାକୁ ବୈଠକରେ ମତ ପ୍ରକାଶ ପାଇଥିଲା । ଏହି ଦାବି ହାସଲ ପାଇଁ ନବରଙ୍ଗପୁର ଜିଲା ଉନ୍ନୟନ କ୍ରୀୟାନୁଷ୍ଠାନ ନାମକ ଏକ ଅସ୍ଥାୟୀ କମିଟି ଗଠନ କରାଯାଇଥିଲା । ଏହି କମିଟିର ଅସ୍ଥାୟୀ କାର୍ଯ୍ୟକାରୀ ସଭାପତି ରୂପେ ଗଣେଶ୍ୱର ଦାଶଙ୍କୁ ମନୋନୀତ କରାଯାଇଛି। ଏହା ବ୍ୟତୀତ କମିଟିରେ ଲୋକନାଥ ପାଲ, ସି. ଏଚ. ଇଶ୍ୱର ରାଓ, କାହ୍ନୁ ଦାଶ, ମନୀଷା ତ୍ରିପାଠୀ, ପି. ପ୍ରକାଶ, ସିରାଜୁଦ୍ଦିନ ଅହମ୍ମଦ, ନିନୀ ବାବୁ ତ୍ରିପାଠୀ, ସିମାଞ୍ଚଳ ପାତ୍ର, ଶ୍ରୀନିବାସ ପାତ୍ର, ଶିବ ଶଙ୍କର ପାଢୀ, ରାଜେଶ ଜାନି ପ୍ରମୁଖ ୨୦ ଜଣିଆ ସଦସ୍ୟଙ୍କୁ ମନୋନୀତ କରାଯାଇଛି। ଏହି ନୂତନ କମିଟିର ବୈଠକ ଆସନ୍ତା ୮ ତାରିଖରେ ଅନୁଷ୍ଠିତ ହେବ। ଉକ୍ତ ଦିବସରେ କମିଟିର ଆଗାମି କାର୍ଯ୍ୟପନ୍ଥା ସ୍ଥିର କରିବା ସହ କମିଟିକୁ ପରିବର୍ଦ୍ଧିତ କରାଯିବ। ଏହି ବୈଠକରେ ଅସିତ କୁମାର ଦେଓ, ଦୁର୍ଗା ମାଧବ ରଥ, ସର୍ବେଶ୍ୱର ପାତ୍ର, ଗଙ୍ଗାଧର ସାମନ୍ତରାୟ, ମୃତ୍ୟୁଞ୍ଜୟ ଦାଶ, ମୃତ୍ୟୁଞ୍ଜୟ ମହାରଣା, ସୁବ୍ରତ ମିଶ୍ର, ମାୟା ପାତ୍ର, ସୂର୍ଯ୍ୟ ତ୍ରୀପାଠୀ, ପ୍ରଦୀପ ସାହୁ, ଗୌରୀ ମାଝୀ ପ୍ରମୁଖ ଉପସ୍ଥିତ ରହିଥିଲେ ।

# ଅବ୍ୟବସ୍ଥାରେ ଡଙ୍ଗରିଗୁଡ଼ା ପ୍ରାଥମିକ ବିଦ୍ୟାଳୟ



ଡାବୁଗାଁ ଡଙ୍ଗରିଗୁଡ଼ା ପ୍ରାଥମିକ ବିଦ୍ୟାଳୟ ।



ଗୋଟିଏ ଶ୍ରେଣୀଗୃହରେ ୫ଟି ଶ୍ରେଣୀର ଛାତ୍ରୀଛାତ୍ର ଏକତ୍ର ପାଠ ପଢୁଛନ୍ତି ।

**ଡାବୁଗାଁ,୨।୯ (ଡି.ଏନ.ଏ.)**

ପିଲାମାନଙ୍କୁ ପାଠପଢା ପ୍ରତି ଆଗ୍ରହ ସୃଷ୍ଟି କରିବା ପାଇଁ ସର୍ବଶିକ୍ଷା ଅଭିଯାନରେ ବିଭିନ୍ନ ଯୋଜନା କରାଯାଉଛି । ପିଲାମାନଙ୍କ ପାଇଁ ମଧ୍ୟାହ୍ନ ଭୋଜନ,ଡ୍ରେସ, ସାଇକେଲ ଆଦି ଯୋଗାଇ ଦିଆଯାଉଛି । କିନ୍ତୁ ପାଠ ପଢା ପାଇଁ ଆବଶ୍ୟକ ଭିତ୍ତିଭୂମି ପ୍ରତି ଦୃଷ୍ଟି ଦିଆଯାଉନାହିଁ । କେଉଁଠି ଶ୍ରେଣୀ ଗୃହ ନାହିଁ ତ ଆଉ କେଉଁଠି ଶ୍ରେଣୀ ଗୃହ ଥିଲେ ମଧ୍ୟ ତାହା ବିପଦ ସଙ୍କୁଳ ଅବସ୍ଥାରେ ରହିଛି । ନବରଙ୍ଗପୁର ଜିଲା ଡାବୁଗାଁ ବ୍ଲକ କାର୍ଯ୍ୟାଳୟ ଠାରୁ ୫୦୦ ମିଟର ପଶ୍ଚିମ ଦିଗକୁ ଗଲେ ଡ଼ଙ୍ଗରିଗୁଡା ଗ୍ରାମ । ଏହି ଡ଼ଙ୍ଗରିଗୁଡା (କ) ଗ୍ରାମର ପ୍ରାଥମିକ ବିଦ୍ୟାଳୟ ଗୃହ ବିପଦ ସଙ୍କୁଳ ଅବସ୍ଥାରେ ଥିବାରୁ ପିଲାମାନେ ବାରଣ୍ଡାରେ ବସି ପାଠ ପଢୁଛନ୍ତି । ଆଉ ବର୍ଷା ହେଲେ ପିଲାମାନଙ୍କ ପାଠ ପଢା ଏକପ୍ରକାର ବନ୍ଦ । ୫ ବର୍ଷ ହେଲା ବିଦ୍ୟାଳୟ ଏପରି ଅବସ୍ଥାରେ ରହିଥିଲେ ମଧ୍ୟ କର୍ତ୍ତୃପକ୍ଷ କୌଣସି ପଦକ୍ଷେପ ନେଉନାହାଁନ୍ତି ।

ଡ଼ଙ୍ଗରିଗୁଡା ଗ୍ରାମରେ ୧।୧୦।୧୯୫୮ ମସିହାରେ ସରକାରଙ୍କ ତରଫରୁ ପ୍ରତିଷ୍ଠା ହୋଇଥିଲା ପ୍ରାଥମିକ ବିଦ୍ୟାଳୟ। ବିଦ୍ୟାଳୟରେ ୧ମ ରୁ ୫ମ ଶ୍ରେଣୀ ପର୍ଯ୍ୟନ୍ତ ରହିଥିବା ବେଳେ ୧୧୩ ଛାତ୍ରୀଛାତ୍ର ଅଧ୍ୟୟନ କରୁଛନ୍ତି। ଏଥିପାଇଁ ୪ ଜଣ ଶିକ୍ଷକ ନିଯୁକ୍ତି ପାଇଛନ୍ତି । ମାତ୍ର ବିଦ୍ୟାଳୟରେ ୩ଟି ଶ୍ରେଣୀ ଗୃହ ରହିଛି। ଏଥିରୁ ୨ଟି ଭଗ୍ନ ଅବସ୍ଥାରେ ରହିଛି ଓ ଗୋଟିଏ ଶ୍ରେଣୀ ଗୃହରେ ପାଠପଢା ହେଉଛି । ୨ଟି କୋଠାଘର ଛାତରୁ ସିମେଣ୍ଟ ଖଣ୍ଡ ଖସୁଛି । ରଡ ଦେଖାଯାଉଛି । ଛାତରୁ ବର୍ଷା ଦିନେ ପାଣି ଗଳୁଛି । ଏପରି ବିପଦ ସଙ୍କୁଳ ଅବସ୍ଥାରେ ଶ୍ରେଣୀଗୃହ ଥିବାରୁ ଗୃହ ମଧ୍ୟରେ ଓ ବାରଣ୍ଡାରେ ପିଲାମାନଙ୍କୁ ପାଠ ପଢାଯାଉଛି । ସେହିପରି ମଧ୍ୟାହ୍ନ ଭୋଜନ ପ୍ରସ୍ତୁତ ହେଉଥିବା ଗୃହରୁ ମଧ୍ୟ ପାଣି ଗଳୁଛି । ରୋଷେୟା ପାଣି ଗଳିବା ସ୍ଥାନରେ ଏକ ପାତ୍ର ରଖି ରୋଷେଇ କରୁଛନ୍ତି । ବର୍ଷା ଦିନେ ବଡ କଷ୍ଟରେ ଖାଦ୍ୟପ୍ରସ୍ତୁତ କରି ପିଲାମାନଙ୍କୁ ଦିଆଯାଉଛି। ଦୀର୍ଘ ୫ ବର୍ଷ ହେଲା ବିଦ୍ୟାଳୟ ଏହିପରି ସମସ୍ୟା ଦେଇ ଗତି କରୁଛି । ଏ ସମ୍ପର୍କରେ ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ କନକଲତା ଚାନ୍ଦଙ୍କୁ ପଚାରିବାରୁ ସେ କହିଥିଲେ ଯେ, ଏହି ଶ୍ରେଣୀ ଗୃହ ସମ୍ପର୍କରେ ବ୍ଲକ ଶିକ୍ଷା ବିଭାଗକୁ ଜଣାଇଛି । ବିଦ୍ୟାଳୟ ପରିଚାଳନା କମିଟି ଓ ଗ୍ରାମବାସୀଙ୍କ ପକ୍ଷରୁ ମଧ୍ୟ ଶିକ୍ଷା ବିଭାଗକୁ ଲିଖିତ ଅଭିଯୋଗ କରାଯାଇଛି । ଅଭିଯୋଗ ପରେ ଶିକ୍ଷା ବିଭାଗ ଅଧିକାରୀ ଆସି ପରିଦର୍ଶନ କରି ଯାଇଛନ୍ତି ଏବଂ ଶ୍ରେଣୀ ଗୃହରେ ଜରିପାଲ ପକାଇ ପିଲାମାନଙ୍କୁ ପାଠ ପଢାଇବାକୁ କମିଟିକୁ କହିଥିଲେ । ଏନେଇ ଡାବୁଗାଁ ବ୍ଲକ ଶିକ୍ଷା ଅଧିକାରୀ ପ୍ରଶାନ୍ତ କୁମାର ହୋତା ଙ୍କୁ ପଚାରିବାରୁ ଏହି ବିଦ୍ୟାଳୟ ଗୃହ ବିପଦ ସଙ୍କୁଳ ଅବସ୍ଥାରେ ଥିବାରୁ ଗୃହର ମରାମତି ପାଇଁ ବ୍ଲକ ପ୍ରଶାସନ କୁ ଜଣାଇ ଦିଆଯାଇଛି ବୋଲି କହିଛନ୍ତି । ଏନେଇ ବିଡିଓ ଗୌରହରି ପାତ୍ରଙ୍କୁ ଯୋଗାଯୋଗ କରିବାରୁ ଚଳିତ ବର୍ଷ ଡ଼ଙ୍ଗରିଗୁଡା ପଞ୍ଚାୟତ ବାର୍ଷିକ ବଜେଟରେ ବିଦ୍ୟାଳୟ ମରାମତି ପାଇଁ ଯୋଜନା ପ୍ରସ୍ତୁତ କରାଯାଇଛି । ଶୀଘ୍ର ବିଦ୍ୟାଳୟ କାର୍ଯ୍ୟ ଆରମ୍ଭ ହେବ ବୋଲି କହିଛନ୍ତି ।

- ୩ ଶ୍ରେଣୀ ଗୃହରୁ ୨ ଭଙ୍ଗାରୁଜା
- ଗୋଟିଏ ଶ୍ରେଣୀ ଗୃହରେ ବସୁଛନ୍ତି ୫ ଶ୍ରେଣୀର ଛାତ୍ରୀଛାତ୍ର
- ବର୍ଷା ହେଲେ ପାଠପଢା ବନ୍ଦ

### କ'ଣ କୁହନ୍ତି ଗ୍ରାମବାସୀ



ଅଧିକାରୀମାନେ କେବଳ ସ୍କୁଲ ପରିଦର୍ଶନ କରିଯାଉଛନ୍ତି। ମାତ୍ର ଆଜକୁ ୫ ବର୍ଷ ହେଲା କୌଣସି ପଦକ୍ଷେପ ନେଉନାହାଁନ୍ତି । ଅତିରିକ୍ତ ବ୍ଲକ ଶିକ୍ଷା ଅଧିକାରୀ ବିଦ୍ୟାଳୟ ପରିଦର୍ଶନ କରି ଗୃହ ମଧ୍ୟରେ ପାଠ ପଢା ବନ୍ଦ କରିବାକୁ ଶିକ୍ଷକମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ । ହେଲେ ପିଲାମାନେ କେଉଁଠି ପାଠ ପଢିବେ ସେ ସମ୍ପର୍କରେ କୌଣସି ସମାଧାନ ବାଟ ବାହାର କରୁନାହାଁନ୍ତି ।

-ଦୋଳ ବିଶୋଇ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି



ବିଦ୍ୟାଳୟ ସମସ୍ୟା ସମ୍ପର୍କରେ ବାରମ୍ବାର ଶିକ୍ଷା ବିଭାଗକୁ ଲିଖିତ ଭାବେ ଅଭିଯୋଗ କରୁଛୁ । କିନ୍ତୁ ଏ ପର୍ଯ୍ୟନ୍ତ ଶିକ୍ଷା ବିଭାଗ ନୂଆ ଗୃହ କି ମରାମତି କରିବାକୁ ପଦକ୍ଷେପ ନେଉନାହାଁନ୍ତି।

-ଯାଦବ ଗୌଡ , କମିଟି ସଭ୍ୟ



ଗାଁର ଏହି ପ୍ରାଥମିକ ସ୍କୁଲ ବହୁ ପୁରାତନ । ଏବେ ଗୃହ ଛାତରୁ ସିମେଣ୍ଟ ଖଣ୍ଡ ପଡୁଛି । ପିଲାମାନଙ୍କୁ ପାଠ ପଢିବାକୁ ବିଦ୍ୟାଳୟକୁ ଛାଡିବାକୁ ଭୟ ଲାଗୁଛି ।

-ଦୀନବନ୍ଧୁ ନାୟକ ,ଗ୍ରାମବାସୀ



ବର୍ତ୍ତମାନ ସ୍କୁଲ ଗୃହ ଭାଙ୍ଗିରୁଜି ଗଲାଣି । ପିଲାଙ୍କୁ ବିଦ୍ୟାଳୟକୁ ପାଠ ପଢିବାକୁ ଛାଡୁଛୁ କିନ୍ତୁ ମନରେ ଭୟ ରହୁଛି କାଳେ କେତେବେଳେ ଅଘଟଣ ଘଟିପାରେ। ଯଦି କୌଣସି ଦୁର୍ଘଟଣା ଘଟିବ ତେବେ ଏନେଇ ଶିକ୍ଷା ବିଭାଗ ଅଧିକାରୀମାନେ ଦାୟୀ ରହିବେ ।

- ରଣସାଇ ଭତ୍ରା ,ଗ୍ରାମବାସୀ

## ସିପାହୀ ନିଯୁକ୍ତି ପାଇଁ ବିଏସ୍ଏଫ୍ ପକ୍ଷରୁ ସଚେତନତା

**ନବରଙ୍ଗପୁର,୨।୯(ବି.ପ୍ର.)**



ବିଏସ୍ଏଫ୍ ଯବାନମାନେ ସଚେତନ କରୁଛନ୍ତି ।

ନବରଙ୍ଗପୁର ମହାବିଦ୍ୟାଳୟ ଠାରେ ବିଏସଏଫ ବାଟାଲିୟାନ ପକ୍ଷରୁ କନଷ୍ଟେବଲ(ସୀପାହୀ) ନିଯୁକ୍ତି ପାଇଁ ସଚେତନତା କରାଯାଇଛି । ୫୪ ହଜାର ୯୫୩ ପଦବୀ ଖାଲି ରହିଛି । ପଦବୀ ମଧ୍ୟରେ ବିଏସଏଫ, ସିଆରପିଏଫ, ଏସଏସବି, ସିଆଇଏସଏଫ, ଆସାମ ରାଇଫଲ, ଏନଆଇଏ, ଏସଏସଏଫ ରହିଛି । ୧୮ରୁ ୩୨ ବର୍ଷ ଯୁବତୀ ଯୁବକ ମାନେ ଆବେଦନ କରିବେ । ୧୦ମ ଶ୍ରେଣୀ ପାସ ଯୁବକ, ଯୁବତୀ କିଭଳି ଆବେଦନ କରିବେ ସେନେଇ ସହଯୋଗ କରିବେ ବୋଲି କାର୍ଯ୍ୟବାହୀ କମାଣ୍ଡାଣ୍ଟ ଗୌରଭ ସିଂ ଜଣାଇଛନ୍ତି । ସେପ୍ଟେମ୍ବର ୧୭ ତାରିଖ ଆବେଦନର ଶେଷ ଦିନ ରହିଛି । ବିଭିନ୍ନ ସାଇବରଜୋନ, ମୋବାଇଲ ମାଧ୍ୟମରେ ମଧ୍ୟ ଅନଲାଇନ ଆବେଦନ କରିପାରିବେ। ଯେଉଁମାନେ ଆବେଦନ କରିବାରେ କିଛି ସମସ୍ୟା ଭୋଗୁଛନ୍ତି ତେବେ ସେମାନେ ବିଏସଏଫ କ୍ୟାମ୍ପ ଠାରେ ଆସି ଆବେଦନ କରିବେ । ଏନେଇ ସହଯୋଗ କରାଯିବ । ପରୀକ୍ଷା ପାଇଁ କିଛି କୁଇଜ ବହି ପଢନ୍ତୁ, ସ୍ୱାସ୍ଥ୍ୟ ଓ ଉଚ୍ଚତା ଠିକ ରହିବା ସହ ଦୌଡିବା ଅଭ୍ୟାସ କରିବାକୁ ପରାମର୍ଶ ଦେଇଥିଲେ। ଉଚ୍ଚଡିଆଁ, ଲମ୍ବଡିଆ, ଅନ୍ୟାନ୍ୟ ଅଭ୍ୟାସ କରାଯିବାରେ ମାଗଣାରେ ବାଟାଲିୟାନ ପକ୍ଷରୁ ସହଯୋଗ କରାଯିବ । ଏହି କାର୍ଯ୍ୟକ୍ରମରେ କାର୍ଯ୍ୟବାହୀ କମାଣ୍ଡାଣ୍ଟ ବିନୋଦ କୁମାର, ଡେପୁଟି କମାଣ୍ଡାଣ୍ଟ ଭିଶାଳ କୁମାର, ସୁବେଦାର ମେଜର ମହତାବ ବେହେରା ଓ ଏସଆଇ (ଜି) ଦାଶରଥି ପାଢୀ ସମେତ ଅନ୍ୟ କର୍ମଚାରୀମାନେ ଉପସ୍ଥିତ ଥିଲେ ।

## ଅଜଣା ଗାଡ଼ି ଧକ୍କାରେ କୃଷ୍ଣସାରର ମୃତ୍ୟୁ

**ଆସିକା,୨।୯(ଡି.ଏନ୍.ଏ.)**

ଆସିକା-ବାଲିପଦର ମୁଖ୍ୟ ରାସ୍ତାର ଭେଟନଇ ଡାକ୍ତରଖାନା ନିକଟସ୍ଥ ପାଟରାବଗଡ ଠାରେ ରବିବାର ଏକ ଅଜଣା ଗାଡି ଧକ୍କାରେ ଗୋଟିଏ କୃଷ୍ଣସାର ମୃଗର ମୃତ୍ୟୁ ଘଟିଛି। ଅଢେଇ ଫୁଟ ଉଚ୍ଚତା, ୪ ଫୁଟ ଲମ୍ବା ଓ ଦେଢ ଫୁଟ ଲେଖାଏଁ ସିଂଘ ଥିବା କୃଷ୍ଣସାରଟିର ବୟସ ପ୍ରାୟ ୮ ବର୍ଷ ହେବ ବୋଲି ଅନୁମାନ କରାଯାଇଛି। ମୃତ କୃଷ୍ଣସାରକୁ ଆସିକା ପ୍ରାଣୀ ଚିକିତ୍ସାଳୟରେ ବ୍ୟବଚ୍ଛେଦ ପରେ ଚାରିମଇଲିସ୍ଥିତ କୃଷ୍ଣସାର ମୃଗ ଶୁଶ୍ରୁଷା କେନ୍ଦ୍ର ପରିସରରେ ପୋତି ଦିଆଯାଇଛି। ପ୍ରକାଶ ଯେ, ଗତ ଜାନୁୟାରୀ ମାସ ପ୍ରାୟ ୧୫ରୁ ଅଧିକ କୃଷ୍ଣସାରଙ୍କ ମୃତ୍ୟୁ ଘଟିଲାଣି। ଆସିକା ବନାଞ୍ଚଳର ଚାରିମଇଲି ଠାରୁ ଭେଟନଇ ମଧ୍ୟରେ ପ୍ରାୟ ୩ ରୁ ୪ କିଲୋମିଟର ଅଞ୍ଚଳରେ କୃଷ୍ଣସାର ମୃଗ ବହୁଳ ଭାବେ ବିଚରଣ କରୁଥିବାବେଳେ ଦୁର୍ଘଟଣାରୁ ବର୍ତ୍ତିବା ପାଇଁ ଆଖି ଦୃଶିଆ ପଦକ୍ଷେପ ନିଆଯାଉନଥିବା କୃଷ୍ଣ ସାର ସୁରକ୍ଷା ସମିତିର ଅଧ୍ୟକ୍ଷ ତଥା ଭେଟନଇ ସରପଞ୍ଚ ଅମୂଲ୍ୟ କୁମାର ଉପାଧ୍ୟାୟ ଅଭିଯୋଗ କରିଛନ୍ତି।

## ଗ୍ରାମପଞ୍ଚାୟତ ଚତୁର୍ଥ ଶ୍ରେଣୀ କର୍ମଚାରୀଙ୍କ ବୈଠକ

**ପାପଡାହାଣ୍ଡି,୨।୯ (ଡି.ଏନ.ଏ.)**

ନବରଙ୍ଗପୁର ଜିଲା ପାପଡାହାଣ୍ଡି ବ୍ଲକ ଶହୀଦ ମିନାର ଠାରେ ରବିବାର ଗ୍ରାମ ପଞ୍ଚାୟତର ଚତୁର୍ଥ ଶ୍ରେଣୀ କର୍ମଚାରୀଙ୍କ ଜିଲାସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ସଭାପତି ସନ୍ୟାସି ଧର୍ବିଙ୍କ ସଭାପତିତ୍ୱରେ ଜିଲାର ଶତାଧିକ କର୍ମଚାରି ଉପସ୍ଥିତ ଥିଲେ । ଗ୍ରାମ ପଞ୍ଚାୟତରେ ୮ ଘଣ୍ଟା ପରିଶ୍ରମ କରି ପାରିଶ୍ରମିକ ବାବଦକୁ ୨୦୦ ରୁ ୧୦୦୦ ଟଙ୍କା ରୁ ଅଧିକ ପାଉନଥିବା ନେଇ କର୍ମଚାରୀ ମାନେ କ୍ଷୋଭ ପ୍ରକାଶ କରିଥିଲେ । ଯେଉଁଥିରେ ପରିବାର ପୋଷଣ ହେଉନଥିବା ମତ ପ୍ରକାଶ ପାଇଥିଲା । ଦୈନିକ ସର୍ବ ନିମ୍ନ ମଜୁରୀ ପ୍ରଦାନ ଲାଗି ଦାବି ହୋଇଥିଲା । ସରପଞ୍ଚ ଓ ପଞ୍ଚାୟତ ଅଧିକାରୀ ମାନେ ବିନା କାରଣରେ କର୍ମଚାରୀମାନଙ୍କୁ ଚାକିରିରୁ ବାହାର କରୁଥିବାରୁ ତାହାକୁ ସଂଘ ବିରୋଧ କରିଥିଲା। ଏଥିସହ କର୍ମଚାରୀମାନଙ୍କୁ ଚାକିରିରେ ସ୍ଥାୟୀତ୍ୱ ପାଇଁ ଆଲୋଚନା ହୋଇଥିଲା। ଏହିମାସ ଶେଷ ସୁଧା ସରକାର ୩ଟି ଦାବି ପୂରଣ ନ କଲେ କର୍ମଚାରୀମାନେ ରାଜରାସ୍ତାକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି । ବୈଠକରେ ଅନ୍ୟ ମାନଙ୍କ ମଧ୍ୟରେ ଉପସଭାପତି ବଳଦେବ ଗଣ୍ଡା, ସମ୍ପାଦକ ସୁବାସ ହରିଜନ ଓ ସହସମ୍ପାଦକ ରମେଶ ଚୌଧୁରୀ ପ୍ରମୁଖ ଉପସ୍ଥିତ ଥିଲେ ।



ବୈଠକରେ ଉପସ୍ଥିତ କର୍ମଚାରୀ ।

## ସ୍ୱଚ୍ଛତା ଶପଥ ନେଲେ ଛାତ୍ରୀଛାତ୍ର

**ଚନ୍ଦାହାଣ୍ଡି,୨।୯(ଡି.ଏନ.ଏ.)**

ନବରଙ୍ଗପୁର ଜିଲା ଅନ୍ତର୍ଗତ ଚନ୍ଦାହାଣ୍ଡି ବ୍ଲକର ସମସ୍ତ ବିଦ୍ୟାଳୟରେ ସ୍ୱଚ୍ଛତା ଶପଥ ଦିବସ ପାଳିତ ହୋଇଯାଇଛି। ଚଳିତ ମାସ ୧୫ ତାରିଖ ପର୍ଯ୍ୟନ୍ତ ଏହି ସ୍ୱଚ୍ଛତା କାର୍ଯ୍ୟକ୍ରମ ପାଳନ କରାଯିବାକୁ ସରକାରଙ୍କ ନିର୍ଦ୍ଦେଶ ରହିଛି। ଏହି ଅବସରରେ ଜୁନାପାଣି କନ୍ୟାଶ୍ରମରେ ପ୍ରଧାନଶିକ୍ଷକ ରିମଚାନ୍ଦ ଚୌହାନ ସ୍କୁଲର ସମସ୍ତ ଛାତ୍ରୀଛାତ୍ରଙ୍କୁ ସ୍ୱଚ୍ଛତା ଉପରେ ଶପଥ ପାଠ କରାଇଥିଲେ। ସେହିପରି ଦଳବେରା ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ପ୍ରଧାନ ଶିକ୍ଷୟିତ୍ରୀ ଜୟଶ୍ରୀ ସାମଲଙ୍କ ଅଧ୍ୟକ୍ଷତାରେ ସ୍କୁଲର ସମସ୍ତ ଛାତ୍ରୀ ଏବଂ ଶିକ୍ଷକମାନେ ଉପସ୍ଥିତ ରହି ସ୍ୱଚ୍ଛତା ଶପଥ ନେଇଥିଲେ। ଚନ୍ଦାହାଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଡାକ୍ତର ବସନ୍ତ କୁମାର ଷଡଙ୍ଗୀ ଉପସ୍ଥିତ ରହି ସ୍ୱଚ୍ଛ ପରିବେଶ, ପରିଷ୍କାର ଓ ପରିଚ୍ଛନ୍ନତା ଉପରେ ଉପସ୍ଥିତ ଛାତ୍ରୀମାନଙ୍କୁ ବିଷଦ ଭାବେ ବୁଝାଇଥିଲେ। ପରିଷ୍କାର ପରିଚ୍ଛନ୍ନତା ନ ରହିଲେ ମ୍ୟାଲେରିଆ, ଡେଙ୍ଗୁ, ଝାଡାବାନ୍ତି ଭଳି ମାରାତ୍ମକ ରୋଗ ସୃଷ୍ଟି ହୋଇଥାଏ ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଶିକ୍ଷକ ସ୍ୱାଧୀନ ଦାଶ, ରାମ ପ୍ରସାଦ ଗଣ୍ଡ, ବାଳଗୋବିନ୍ଦ ମାଝି, ମହିଳା ସ୍ୱାସ୍ଥ୍ୟକର୍ମୀ ପ୍ରିୟଙ୍କା ସାହୁ ପ୍ରମୁଖ ଉପସ୍ଥିତ ରହି ସଚେତନତା ଉପରେ ମତପୋଷଣ କରିଥିଲେ।

# ବିଭିନ୍ନ ସ୍ଥାନରେ ଜନ୍ମାଷ୍ଟମୀ ପାଳିତ

**ନବରଙ୍ଗପୁର/କୋଷାଗୁମୁଡା/ପାପଡାହାଣ୍ଡି ,୨।୯ (ବି.ପ୍ର./ଡି.ଏନ.ଏ)**

ସ୍ଥାନୀୟ ମେଦ୍ରୀ ସାହି ସ୍ଥିତ ସରସ୍ୱତୀ ଶିଶୁ ଜ୍ଞାନ ମନ୍ଦିରଠାରେ ଜନ୍ମାଷ୍ଟମୀ ପାଳିତ ହୋଇଯାଇଛି। ଏଥିସହ କୃଷ୍ଣ ବେଶ ପ୍ରତିଯୋଗୀତା ଅନୁଷ୍ଠିତ ହୋଇ ଯାଇଛି । ୫୦ ଛାତ୍ରୀଛାତ୍ର ଏହି ପ୍ରତିଯୋଗୀତାରେ ଭାଗ ନେଇଥିଲେ । ଗ୍ରୁପ (କ)ରେ ଶୁଭମ ତ୍ରିପାଠୀ ପ୍ରଥମ, ଆଶୁତୋଷ ସାହୁ ଦ୍ୱିତୀୟ ଓ ବରୁଣା ନାୟକ ତୃତୀୟ ସ୍ଥାନ ଅଧିକାର କରିଛନ୍ତି । ସେହିଭଳି ଗ୍ରୁପ (ଖ)ରେ ଅଂଶୁମାନ ସାହୁ ପ୍ରଥମ, ସାଇନୀ ନନ୍ଦ ଦ୍ୱିତୀୟ ଓ ସାଇ ପ୍ରସାଦ ନାୟକ ତୃତୀୟ ସ୍ଥାନ ପାଇଛନ୍ତି । ଗ୍ରୁପ(ଗ)ରେ ଜଗା ଗୌଡ ପ୍ରଥମ, ଚନ୍ଦନ ମହାରଣା ଦ୍ୱିତୀୟ ଓ ଅଂଶୁମାନ ପଟ୍ଟନାୟକ ତୃତୀୟ ସ୍ଥାନ ପାଇଛନ୍ତି । ସମସ୍ତ କୃତୀ ପ୍ରତିଯୋଗୀଙ୍କୁ ଶିକ୍ଷା ଅନୁଷ୍ଠାନ ପକ୍ଷରୁ ମାନପତ୍ର ଓ କଲମ ପୁରସ୍କାର ପ୍ରଦାନ କରାଯାଇଥିଲା। ବିଚାରକ ଭାବେ ପର୍ଶୁରାମ ସାହୁ, ଅଶୋକ କୁମାର ପଟ୍ଟନାୟକ, ଅଶୋକ କୁମାର ଜେନା ରହିଥିଲେ। କାର୍ଯ୍ୟକ୍ରମରେ ସରସ୍ୱତୀ ଶିଶୁ ଜ୍ଞାନ ମନ୍ଦିର ଗୁରୁମା ଓ ଗୁରୁଜୀମାନେ ସହଯୋଗ କରିଥିଲେ । ପ୍ରଧାନ ଆଚାର୍ଯ୍ୟ ରବିଶଙ୍କର ସାହୁ ସଂଯୋଜନା କରିଥିଲେ। ଏହି କାର୍ଯ୍ୟକ୍ରମରେ ଅଭିଭାବକମାନେ ଉପସ୍ଥିତ ରହି ଛାତ୍ରୀଛାତ୍ର ଓ ପ୍ରତିଯୋଗୀଙ୍କୁ ଉତ୍ସାହିତ କରିଥିଲେ ।

କୋଷାଗୁମୁଡା ସଦର ମହକୁମାସ୍ଥିତ ଶିଶୁ ମନ୍ଦିରଠାରେ ରବିବାର ଜନ୍ମାଷ୍ଟମୀ ପାଳିତ ହୋଇଯାଇଛି। କୁନି କୁନି ଶିଶୁମାନେ ରାଧାକୃଷ୍ଣ ବେଶରେ ସଜ୍ଜିତ ହୋଇ ସହର ପରିକ୍ରମା କରି ଏବଂ ମନ୍ଦିରକୁ ଯାଇ ପୂଜାର୍ଚ୍ଚନା କରିଥିଲେ। ରାଧାକୃଷ୍ଣ ବେଶରେ ସଜ୍ଜିତ ହୋଇଥିବା ଛାତ୍ରୀଛାତ୍ରଙ୍କ ମଧ୍ୟରେ ପ୍ରତିଯୋଗିତା ହୋଇଥିଲା। କୃତିତ୍ୱ ଲାଭ କରିଥିବା ଛାତ୍ରୀଛାତ୍ରଙ୍କୁ ପୁରସ୍କାର ବିତରଣ କରାଯାଇଥିଲା। କାର୍ଯ୍ୟକ୍ରମକୁ ପ୍ରଧାନ ଶିକ୍ଷକ ପରିଚାଳନା କରିଥିବା ବେଳେ ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ସହଯୋଗ କରିଥିଲେ।

ପାପଡାହାଣ୍ଡିର ସରସ୍ୱତୀ ଶିଶୁ ମନ୍ଦିର ଠାରେ ଜନ୍ମାଷ୍ଟମୀ ପାଳିତ ହୋଇଯାଇଛି। ବିଦ୍ୟାଳୟରେ ପୂଜାର୍ଚ୍ଚନା ପରେ ଛାତ୍ରୀଛାତ୍ରମାନେ ରାଧା କୃଷ୍ଣ ବେଶରେ ସଜ୍ଜିତ ହୋଇଥିଲେ । ସେମାନଙ୍କ ମଧ୍ୟରେ ପ୍ରତିଯୋଗିତା କରାଯାଇ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ଏହି ଅବସରରେ ସଞ୍ଜିବ ଅଗ୍ରୱାଲ, ଗୁରୁ ପ୍ରସାଦ ପଣ୍ଡା ଓ ପ୍ରଧାନ ଆଚାର୍ଯ୍ୟ ପୂର୍ଣ୍ଣଚନ୍ଦ୍ର ଗୁଆ ପ୍ରମୁଖ ଯୋଗ ଦେଇଥିଲେ। ଅନୁଷ୍ଠାନର ସମସ୍ତ ଗୁରୁମା ଗୁରୁଜୀ ସହଯୋଗ କରିଥିଲେ ।



ପାପଡ଼ାହାଣ୍ଡି ସରସ୍ୱତୀ ଶିଶୁ ମନ୍ଦିର ଛାତ୍ରୀଛାତ୍ର ରାଧାକୃଷ୍ଣ ବେଶରେ ସଜ୍ଜିତ ହୋଇଛନ୍ତି ।



ନବରଙ୍ଗପୁର ସରସ୍ୱତୀ ଶିଶୁ ଜ୍ଞାନ ମନ୍ଦିର ଛାତ୍ରୀଛାତ୍ର ।



କୋଷାଗୁମୁଡ଼ା ସରସ୍ୱତୀ ଶିଶୁ ମନ୍ଦିରର କୁନି ପିଲାମାନେ ରାଧାକୃଷ୍ଣ ବେଶରେ ସଜ୍ଜିତ ହୋଇଛନ୍ତି ।